## ଲିଙ୍ଗ ନିରୂପଣ ଆଇନ ଉପରେ ବୈଠକ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଲିଙ୍ଗ ନିରୂପଣ ଆଇନ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରାମର୍ଶଦାତା ଓ ଟାସ୍କ ଫୋର୍ସ କମିଟି ସଦସ୍ୟଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆଶୋକ କୁମାର ଦାସ ଯୋଗଦେଇ ଲିଙ୍ଗ ନିରୂପଣ ଆଇନ ୧୯୯୪ ଉପରେ ଆଲୋଚନା କରିଥିଲେ। ଜିଲାରେ ଥିବା ଅଲଟ୍ରାସାଉଣ୍ଡ କେନ୍ଦ୍ର ପଞ୍ଜିକରଣ, ନବୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ୩ ଗୋଟି ଅଲଟ୍ରାସାଉଣ୍ଡ କେନ୍ଦ୍ର ପଞ୍ଜିକରଣକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏଡିଏମ୍‌ଓ ଭରତଚନ୍ଦ୍ର ଦାସ ପଞ୍ଜିକୃତ ଅଲଟ୍ରାସାଉଣ୍ଡ କେନ୍ଦ୍ରରେ ନିୟମିତ ଚଢ଼ାଉ କରି ଯାଞ୍ଚ କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ସାମାଜିକ ଅନୁଷ୍ଠାନ, ଏନ୍‌ଜିଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଜିଲା ପ୍ରଶାସନ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସହରର ବିଭିନ୍ନ ଛକ, ସକାଳ ସାଢ଼େ ୬ଟା।
- ୮୭ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପରେଡ, ରିଜର୍ଭ ପୋଲିସ ଲାଇନ ପଡିଆ, ସକାଳ ୮ଟା।
- ସମ୍ବଲପୁର ପୋଲିସ ପକ୍ଷରୁ ରକ୍ତଦାନ ଶିବିର, ରିଜର୍ଭ ପୋଲିସ ଲାଇନ କମ୍ୟୁନିଟି ସେଣ୍ଟର, ପୂର୍ବାହ୍ନ ସାଢ଼େ ୮ଟା।
- ବାସନ୍ତିକ ନବରାତ୍ର ପୂଜା, ଧନକଉଡା ଦୁର୍ଗା ମନ୍ଦିର, ପୂର୍ବାହ୍ନ ୯ଟା।
- ୫୭ତମ ଜିଲା ସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ୩ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ, ତପସ୍ୱିନୀ ପ୍ରେକ୍ଷାଳୟ, ସନ୍ଧ୍ୟା ସାଢ଼େ ୬ଟା।

# ଜଳୁଛି ଜଙ୍ଗଲ, ବିପଦରେ ବନ୍ୟପ୍ରାଣୀ

ସମ୍ବଲପୁର,୩୧।୩(ବ୍ୟୁରୋ)

ପ୍ରତିବର୍ଷ ବିଶେଷ କରି ମାର୍ଚ୍ଚ ଶେଷ ଓ ଏପ୍ରିଲ ମାସରେ ଜଙ୍ଗଲରେ ନିଆଁ ଲାଗିଥାଏ। ବନ ବିଭାଗ ପାଖରେ ଏ ନେଇ ସୂଚନା ମଧ୍ୟ ରହିଛି। ହେଲେ ବିଭାଗୀୟ ଅବହେଳା ଯୋଗୁ ଏବେ ଜିଲାର ବିଭିନ୍ନ ଜଙ୍ଗଲ ଜଳୁଥିବା ଦେଖାଯାଉଛି। ସମ୍ବଲପୁର ବନଖଣ୍ଡର ସଦର ରେଞ୍ଜ, ଧମା ଓ ପଡିଆବାହାଲ ରେଞ୍ଜ ଅଧୀନ ଜଙ୍ଗଲରେ ନିଆଁ ଲାଗିଥିବା ଅଭିଯୋଗ ହେଉଛି। ନିଆଁ ଲାଗିବା ନେଇ ବନ ବିଭାଗ ପାଖରେ ଅଭିଯୋଗ କଲାପରେ ମଧ୍ୟ ଲିଭାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହା ଦ୍ୱାରା ବନ୍ୟପ୍ରାଣୀଙ୍କ ଜୀବନ ବିପଦରେ ରହୁଛି।

ଜଙ୍ଗଲ ସୁରକ୍ଷା ଓ ବୃଦ୍ଧି ପାଇଁ ବନ ବିଭାଗ ପକ୍ଷରୁ ବନ ସୁରକ୍ଷା ସମିତି (ଭିଏସ୍‌ଏସ୍) ଗଠନ କରାଯାଇଛି। ଏହି ସମିତିରେ ରହୁଥିବା ସଦସ୍ୟଙ୍କୁ ନିଆଁ ଆୟତ୍ତ କରିବା ପାଇଁ ତାଲିମ ଦିଆଯିବା ସହ ଉପକରଣ ଦିଆଯାଉଛି। ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ସରକାରୀ ଟଙ୍କା ହରିଲୁଟ ହେବା ଯୋଗୁ ଲକ୍ଷ୍ୟ ପୂରଣ ହୋଇ ପାରୁନାହିଁ। ଜଙ୍ଗଲରେ ବାରମ୍ବାର ନିଆଁ ଲାଗୁଛି। ବନ ବିଭାଗ ଏଥିପାଇଁ ସ୍ଥାନୀୟ ଲୋକଙ୍କୁ ଦାୟୀ କରି ନିଜ ମୁଣ୍ଡରୁ ଦୋଷ ଛଡାଇ ନେଉଛି। ଅନ୍ୟପକ୍ଷେ ଜଙ୍ଗଲରେ ନିଆଁ ଲଗାଇବା ଏକ ଆଇନଗତ ଅପରାଧ। ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ରହିଛି। ହେଲେ ବନ ସୁରକ୍ଷା ସମିତି ଠିକ୍ ଭାବେ ନିଜ ଦାୟିତ୍ୱ ତୁଲାଉ ନ ଥିବାବେଳେ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଲୋକଙ୍କ ମନରେ ଭୟ ରହୁନାହିଁ। ମୁଖ୍ୟତଃ ମହୁଲ ଗୋଟାଇବା ଓ କେନ୍ଦୁପତ୍ର ପାଇଁ ନିଆଁ ଲଗାଯାଇଥାଏ। ଏହି ଦୁଇ କାରଣ ପାଇଁ ଜଙ୍ଗଲ ନିକଟରେ ଥିବା ଜମି ମାଲିକ ଯଦି ନିଜ ଜମିରେ ନିଆଁ ଲଗାଇବେ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ। ଜଙ୍ଗଲ ଭିତରକୁ ନିଆଁ ନ ବ୍ୟାପିବା ପାଇଁ ଟ୍ରେଞ୍ଚ ଖୋଳାଯାଇଛି। ସ୍ୱତନ୍ତ୍ର ସ୍କ୍ୱାଡ୍ ମଧ୍ୟ ନିୟୋଜିତ କରାଯାଇଛି। ଏଥିପାଇଁ ପାଟ୍ରୋଲିଂ ଗାଡି ବ୍ୟବସ୍ଥା ରହିଛି। ଏପରି କି ଅତ୍ୟାଧୁନିକ ଜିପିଏସ୍ ବ୍ୟବସ୍ଥା ରହିଛି। ସାଟେଲାଇଟ ଜରିଆରେ କେଉଁ ସ୍ଥାନରେ ନିଆଁ ଲାଗିଛି ସେ ନେଇ ବନ ବିଭାଗକୁ ସୂଚନା ମିଳିପାରୁଛି। ହେଲେ ନିଆଁ



ସମ୍ବଲପୁର ସଦର ରେଞ୍ଜ ଭୀମଖୋଜ ନିକଟ ଜଙ୍ଗଲରେ ନିଆଁ ଲାଗିଛି ।

### ଭିଏସ୍‌ଏସ୍, ସ୍କ୍ୱାଡ୍‌ର ଦେଖା ମିଳୁନି

ଆୟତ୍ତ କରିବାରେ ବନ ବିଭାଗ ବିଫଳ ହେଉଛି। ଫଳରେ ଜଙ୍ଗଲରେ ନିଆଁ ବ୍ୟାପୀ ବନ୍ୟପ୍ରାଣୀଙ୍କ ଜୀବନ ବିପଦରେ ରହୁଛି। କେତେକ ବନ୍ୟପ୍ରାଣୀ ଏଥିଯୋଗୁ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହେଉଛି। ସଦର ରେଞ୍ଜର ଭୀମଖୋଜ, ଝୁଝୁମୁରା, ଗଡଲୁଇସିଂ, ବସିଆପଡା ଅଞ୍ଚଳର ଏକର ଏକର ଜଙ୍ଗଲରେ ନିଆଁ ଲାଗିଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ସମ୍ବଲପୁର ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବର କହିଛନ୍ତି, ଜଙ୍ଗଲରେ ନିଆଁ ଲିଭାଇବା ପାଇଁ ରେଞ୍ଜ ସ୍ତରରେ ସ୍ୱତନ୍ତ୍ର ସ୍କ୍ୱାଡ୍ ବ୍ୟବସ୍ଥା ହୋଇଛି। ପ୍ରାୟ ୮୦ ପ୍ରତିଶତ ନିଆଁ ଆୟତ୍ତ କରାଯାଇଛି। ମହୁଲ ଫୁଲ ଓ କେନ୍ଦୁପତ୍ର ପାଇଁ କେତେକ ସ୍ଥାନରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଉଛନ୍ତି। ଆଇନ ଅନୁସାରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଗବେଷଣାରେ ଡାକ୍ତର ସଞ୍ଜୀବ ମିଶ୍ରଙ୍କ କୃତିତ୍ୱ



ଡାକ୍ତର ସଞ୍ଜୀବ ମିଶ୍ର ।

ସମ୍ବଲପୁର,୩୧।୩(ବ୍ୟୁରୋ)

ସମ୍ବଲପୁର ବୀର ସୁରେନ୍ଦ୍ର ସାଇ ଇନ୍‌ଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭୀମସାର)ର କମ୍ୟୁନିଟି ମେଡିସିନ ବିଭାଗ ଡାକ୍ତର ସଞ୍ଜୀବ ମିଶ୍ର ପଶ୍ଚିମ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ତାଙ୍କୁ ଇଣ୍ଡିଆନ ଆସୋସିଏଶନ ଅଫ ପ୍ରିଭେଣ୍ଟିଭ ଆଣ୍ଡ ସୋସିଆଲ ମେଡିସିନର ରାଷ୍ଟ୍ରୀୟ ସଭାପତିଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ଡାକ୍ତର ମିଶ୍ର ଯୁବ ଅଧ୍ୟାପକ ବର୍ଗର ପୁରସ୍କାର ଗ୍ରହଣ କରିଥିଲେ। ପ୍ରତିବର୍ଷ ଦେଶର ଦୁଇଜଣ ଡାକ୍ତର ଏହି ସମ୍ମାନ ପାଇଁ ମନୋନୀତ ହୁଅନ୍ତି। ଡା. ମିଶ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏହା ମୋ ପାଇଁ ଏକ ବଡ଼ ସଫଳତା। ଏହି ସମ୍ମାନ ମୋତେ ତଥା ଅନୁଷ୍ଠାନର ଅନ୍ୟ ଅଧ୍ୟାପକମାନଙ୍କୁ ବିଭିନ୍ନ ଗବେଷଣା ତଥା ଚିକିତ୍ସା କ୍ଷେତ୍ରରେ ପ୍ରେରଣା ଯୋଗାଇବ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ବିଜ୍ଞାନ ମେଳା

କୁଚିଣ୍ଡା,୩୧।୩(ଡି.ଏନ.ଏ.): କୁଚିଣ୍ଡା ବ୍ଲକର ବାଉରିଗୋଡା ପ୍ରାଥମିକ ସ୍କୁଲରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଯାଇଛି। ବାଉରିଗୋଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ସୋମନାଥ ଧୁରୁଆ ଏହାକୁ ଉଦ୍‌ଘାଟନ କରିଥିଲେ। ମେଳାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ୬୦୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ମୋଟ ୯୦ ଗୋଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଷତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିସାନ ମୁଖ୍ୟଅତିଥି, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, ସରପଞ୍ଚ ଗୋବର୍ଦ୍ଧନ ବାଘ, ସମିତିସଭ୍ୟ ପରେଶ ପଟେଲ, ସିଆରସିସି ମନୋଜ ପଟେଲ ଓ ପ୍ରାଥମିକ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ ଦେଈ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜ୍ଞାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପରେ ଅତିଥିଗଣ ବିଭିନ୍ନ ପ୍ରକଳ୍ପ ଓ କୁଇଜ୍‌ରେ ଭାଗନେଇଥିବା ୧୭ ଛାତ୍ରୀଛାତ୍ର ଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଶେଷରେ ବାଉରିଗୋଡା ହାଇସ୍କୁଲ ସହକାରୀ ଶିକ୍ଷକ ପ୍ରମୋଦ କର୍ସେଲ ଧନ୍ୟବାଦ ଦେଇଥିଲେ।

### ଦୋକାନରୁ ଚୋରି ଘଟଣାରେ ୧୦ ଗିରଫ



ରେଙ୍ଗାଲି,୩୧।୩(ଡି.ଏନ.ଏ.): ସମ୍ବଲପୁର ଜିଲା କତରବଗା ଥାନା ଅନ୍ତର୍ଗତ ଲଇଡାର ଏକ ଫର୍ନିଚର ଓ ଇଲେକ୍ଟ୍ରି ଦୋକାନରୁ ଚୋରି ଘଟଣାରେ ପୋଲିସ ୧୧ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିଛି। ଗିରଫମାନେ ହେଲେ କୁଚିଣ୍ଡା ଅଞ୍ଚଳର ଚୁଡାମଣି ସାନ୍ଧ, ଅଶୋକ ପଟେଲ, ମଧୁସୂଦନ ଦାନସାନା, ଦିନବନ୍ଧୁ ମାର୍ଗ, ଜଗଜ୍ଜୀବନ ମହାନନ୍ଦ, ନିରଞ୍ଜନ କୁମାର ବେହେରା, ଆତିଷ କୁମାର ପଟେଲ, ଅସୀମ କୁମାର ପଟେଲ, ସଞ୍ଜୀବ କୁମାର ପଟେଲ ଓ ଅଶୋକ କୁମାର ପୃଷ୍ଟେଠ। ସୂଚନାଯୋଗ୍ୟ ଲଇଡା ବସ୍‌ଷ୍ଟାଣ୍ଡରେ ମୁକେଶ ଅଗ୍ରୱାଲଙ୍କ ଫର୍ନିଚର ଓ ଇଲେକ୍ଟ୍ରୋନିକ୍ସ ଦୋକାନ ଅଛି। ଗତ ୨୮ ତାରିଖ ରାତିରେ ଦୋକାନ ଛାତର ଟିଣ ସିଟ କାଟି ଅଭିଯୁକ୍ତମାନେ ଚୋରି କରିଥିଲେ। ଏ ନେଇ ମୁକେଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଏନ୍‌ଏଲ୍‌ସି ବିରୋଧରେ ତେଜୁଛି ଅସନ୍ତୋଷ

ସମ୍ବଲପୁର/ରେଙ୍ଗାଲି,୩୧।୩ (ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରା ୨ ଓ ୩ କୋଇଲା ଖଣି ଖନନ କରୁଥିବା ଏନ୍‌ଏଲ୍‌ସି କମ୍ପାନୀ ବିରୋଧରେ ଜନ ଅସନ୍ତୋଷ ତେଜିବାରେ ଲାଗିଛି। ସୂଚନା ଅନୁସାରେ ଖିଣ୍ଡା ପଞ୍ଚାୟତର ନୂଆଖିଣ୍ଡା ଗ୍ରାମ ସ୍କୁଲ କୋଠା ବିପଦସଙ୍କୁଳ ହୋଇପଡିଥିଲା। ବାରମ୍ବାର ଦାବି ପରେ ଜିଲା ପ୍ରଶାସନ ହସ୍ତକ୍ଷେପରେ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ସୁବିଧା ପାଇଁ ନୂତନ କୋଠା ନିର୍ମାଣ ଦାୟିତ୍ୱ ଏନ୍‌ଏଲ୍‌ସି କମ୍ପାନୀକୁ ଦିଆଯାଇଥିଲା। ଏହି କାର୍ଯ୍ୟ ଏକବର୍ଷ ମଧ୍ୟରେ ଶେଷହେବ ବୋଲି କମ୍ପାନୀ ଜିଲା ପ୍ରଶାସନ ସହ ଚୁକ୍ତି କରିଥିଲା ହେଲେ ପୁରୁଣା କୋଠା ଭାଙ୍ଗି ଠିକାଦାର ଗାତ ଖୋଳି ପକାଇରଖିଛି। ଫଳରେ ଦୁଇଟି ଶ୍ରେଣୀର ଛାତ୍ରୀଛାତ୍ର ଗୋଟିଏ କୋଠରିରେ ବସି ପାଠ ପଢୁଛନ୍ତି। ଗାତ ଖୋଳାହୋଇ ରହିଥିବାରୁ ପିଲାଙ୍କ ପ୍ରତି ବିପଦ ରହିଛି। ବୁଧବାର ରେଙ୍ଗାଲି ବ୍ଲକର ଜିଲାପରିଷଦ ସଭ୍ୟା ଚୋଳଶ୍ରୀ ମହାନନ୍ଦ, ଖିଣ୍ଡା ସରପଞ୍ଚ ସନ୍ଧ୍ୟାରାଣୀ ପଧାନ, ସମିତି ସଭ୍ୟା ଅନୀତା ସିଂ ପ୍ରମୁଖ ସ୍କୁଲ ପରିଦର୍ଶନ କରି କ୍ଷୋଭ ପ୍ରକାଶ କରିଥିଲେ। ତୁରନ୍ତ ସ୍କୁଲର ନିର୍ମାଣ କାମ ଆରମ୍ଭ କରା ନ ଗଲେ ଖଣିର ଉତ୍ତୋଳନ ଓ ପରିବହନ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ରେଙ୍ଗାଲି ବ୍ଲକ ବିଜେଡି ଛାତ୍ର ସଭାପତି ବାବୁଲୁ ରାଉତ, ଖିଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ଅନ୍ତର୍ଯାମୀ ତିୱାରୀ, ରୁଦ୍ର ପ୍ରଧାନ, ଦୁର୍ଗା ଭୋଇ, ହିମାଂଶୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତୀୟ ଇଞ୍ଜିନିୟରିଂ ସେବା ପରୀକ୍ଷାରେ ତନ୍ମୟଙ୍କୁ ୫୧ତମ ର୍‍ୟାଙ୍କ

ରେଢାଖୋଲ,୩୧।୩ (ଡି.ଏନ.ଏ.)

ରେଢାଖୋଲର ତନ୍ମୟ ସନ୍ତୋଷ ନାଏକ ୨୦୨୧ ୟୁପିଏସ୍‌ସି ପରିଚାଳିତ ଭାରତୀୟ ଇଞ୍ଜିନିୟରିଂ ସେବା ପରୀକ୍ଷାରେ ୫୧ତମ ର୍‍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ଭାରତ ସରକାରଙ୍କ ପ୍ରତିରକ୍ଷା ବିଭାଗରେ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଭାବେ ନିଯୁକ୍ତି ପାଇବା ସହ ପୁନେସ୍ଥିତ କଲେଜ ଅଫ ମିଲିଟାରୀ ଇଞ୍ଜିନିୟରିଂରେ ଆସନ୍ତା ମେ ୧୬ ତାରିଖଠାରୁ ତାଲିମ ନେବେ ବୋଲି ଡାଇରେକ୍ଟୋରେଟ ଜେନେରାଲ ପର୍ସୋନେଲ, ମିଲିଟାରୀ ଇଞ୍ଜିନିୟର୍ସ ସର୍ଭିସେସ ପକ୍ଷରୁ ସୂଚନା ଦିଆଯାଇଛି। ତନ୍ମୟ ପୂର୍ବରୁ ୨୦୨୦ରେ ଓପିଏସ୍‌ସି ପରୀକ୍ଷାରେ ୬୩ନଂ. ର୍‍ୟାଙ୍କ ପାଇ କୃତକାର୍ଯ୍ୟ ହେବା ସହ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଭାବେ ଦିଗପହଣ୍ଡିରେ କାର୍ଯ୍ୟରତ ଥିଲେ। ୨୦୧୫ରେ ସେ ଓପିଏସ୍‌ସି ପରୀକ୍ଷାରେ ୩୪ତମ ର୍‍ୟାଙ୍କ ପାଇଥିଲେ ହେଁ କାର୍ଯ୍ୟରେ ଯୋଗଦେଇ ନ ଥିଲେ। ଏହି ସଫଳତା ପାଇଁ ତନ୍ମୟ ମା', ବାପା ଓ ଗୁରୁଜନମାନଙ୍କୁ ଶ୍ରେୟ ଦେଇଛନ୍ତି। ରେଢାଖୋଲ ବ୍ଲକ ଭରତପୁର ଗ୍ରାମର ଭୀମଭୋଇ କଲେଜର ଅବସରପ୍ରାପ୍ତ ସିନିୟର କ୍ଲର୍କ ରୋହିଣି ନାଏକ ଓ ପ୍ରାଥମିକ ବିଦ୍ୟାଳୟର ପ୍ରାଧାନ ଶିକ୍ଷୟିତ୍ରୀ ରୁପସୁତା ନାଗଙ୍କ ଏକମାତ୍ର ପୁତ୍ର ହେଉଛନ୍ତି ତନ୍ମୟ।



ତନ୍ମୟ ସନ୍ତୋଷ ନାଏକ।

## ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ନିମନ୍ତେ ପ୍ରତିଯୋଗିତା

ନାକଟିଦେଉଳ,୩୧।୩(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ନିମନ୍ତେ ସାଧାରଣ ଜ୍ଞାନ, ବିଜ୍ଞାନ ଓ ଗଣିତ ଅଲିମ୍ପିଆଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ୯୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବିଭାଗ କୁଇଜ୍ ପ୍ରତିଯୋଗିତାରେ ଜାଗୃତି ବୀର, ଗଣିତ ଓ ବିଜ୍ଞାନ ଅଲିମ୍ପିଆଡ୍‌ରେ ଆୟୁଷି ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବିଭାଗ କୁଇଜ୍ ପ୍ରତିଯୋଗିତାରେ ରିତେଶ ବେହେରା ଏବଂ ବିଜ୍ଞାନ ଓ ଗଣିତ ଅଲିମ୍ପିଆଡ୍‌ରେ ଡ଼ିକେନ ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ଉଦ୍‌ଘାଟନ କରିଥିବା ବେଳେ ଉଦଯାପନୀ ଉତ୍ସବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଚନ୍ଦ୍ରମଣି ବେହେରା ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ରୋଜଗାର ଦେଇଛି ମାଛଚାଷ

ପଡିଆବାହାଲ, ୩୧।୩(ଡି.ଏନ.ଏ.)

ସ୍ୱୟଂ ସହାୟକ ଗୋଷ୍ଠୀ ନେତୃତ୍ୱରେ ଏକ ଗାଁର ମହିଳା ମାଛଚାଷ କରିଆତ୍ମନିର୍ଭରଶୀଳ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସୂଚନା ଅନୁଯାୟୀ ଝୁଝୁମୁରା ବ୍ଲକ ବାହାମ ଗ୍ରାମ ପଞ୍ଚାୟତ ପୁଡ଼ାପଡ଼ା ଗ୍ରାମରେ ୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। ସେମାନଙ୍କ ମଧ୍ୟରୁ ମା' ସାରଦା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଭିନ୍ନ କିଛି କରିବା ଚିନ୍ତାକରି ପଦାକୁ ବାହାରିଥିଲେ। ଏହି ଗୋଷ୍ଠୀର ସଭାନେତ୍ରୀ ମଞ୍ଜରୀ ସିଂ, ସମ୍ପାଦିକା ତପସ୍ୱିନୀ ସିଂ ଓ ସଭ୍ୟମାନେ ବାହାମ ଗ୍ରାମ ପଞ୍ଚାୟତରୁ ୩୦ ହଜାର ଟଙ୍କାରେ ଏକ ବନ୍ଧ ନିଲାମ ନେଇଥିଲେ। ସେମାନେ ଏହି ବନ୍ଧରେ ପ୍ରଥମେ ୨୦ ହଜାର ଟଙ୍କାର ମାଛ ଯାଆଁଳ ଛାଡିଥିଲେ। ଏହି ବ୍ୟବସାୟ କରି ଏବେ ସେମାନେ ଲକ୍ଷପତି ହୋଇପାରିଛନ୍ତି। ସେମାନେ ଝୁଝୁମୁରା ମହିଳା ଓ ଶିଶୁ ବିଭାଗ, ମିଶନଶକ୍ତିଠାରୁ ପ୍ରୋତ୍ସାହନ ପାଇଥିବାବେଳେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ତାଲିମ ଗ୍ରହଣ କରି ମାଛ ଚାଷ ପାଇଁ ମନ ବଳାଇଥିବା କହିଛନ୍ତି। ପରେ ଏହି ଗୋଷ୍ଠୀ ଗ୍ରାମର ସମସ୍ତ ମହିଳା ଗୋଷ୍ଠୀକୁ ଏଥିରେ ସାମିଲ କରିଥିଲା। ଫଳରେ ମାଛ ଚାଷ କରି ମା' ସାରଦା ସହିତ ମା' ଜଗଦମ୍ବା, ଶୁଭଲକ୍ଷ୍ମୀ ଓ ସରସ୍ୱତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ରୋଜଗାରକ୍ଷମ ହୋଇପାରିଛନ୍ତି। ୨୦୧୫ରେ ଗଠିତ ହୋଇଥିବା ମା' ସାରଦା ଏସ୍‌ଏସ୍‌ଜି ମହିଳାଙ୍କ କାର୍ଯ୍ୟଦକ୍ଷତା ସେମାନଙ୍କୁ କେବଳ ଅର୍ଥନୈତିକ କ୍ଷେତ୍ରରେ ନୁହେଁ ବରଂ ସାମାଜିକ ସ୍ତରରେ ପ୍ରତିଷ୍ଠିତ କରିପାରିଥିବା ଗାଁର ଲିଲିମା ସିଂ, ମଉନାବତୀ ପ୍ରଧାନ, ସୁମିତ୍ରା ମିର୍ଦ୍ଧା, ଲିଲିମା ପ୍ରଧାନ, ରକ୍ମିଣୀ ବାଗ, ହୀରା ବାଗ, ଅନୁପମା ବାଗ, ଅଞ୍ଜଳି ସିଂ ପ୍ରମୁଖ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।



ପୋଖରୀରୁ ମାଛ ଧରିବା ଅବସରରେ ମହିଳା ଗୋଷ୍ଠୀ ସଦସ୍ୟାମାନେ।

# ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର

ଜମନକିରା,୩୦।୩ (ଡି.ଏନ.ଏ.)

ଜମନକିରା ବ୍ଲକ ଭୋଜପୁରସ୍ଥିତ ବିଛାଲାଲ ରାମଚନ୍ଦ୍ର ଗୁପ୍ତା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ କଲେଜ ଅଧକ୍ଷ ପ୍ରତାପ କୁମାର ମହାକୁଳ ଅଧକ୍ଷତା କରିଥିଲେ। ଜୁଡୋ, କରାଟେ ବ୍ଲାକ ବେଲ୍ଟ ହାସଲ କରିଥିବା ଅମିତ ମହାକୁଳ ଯୋଗଦେଇ ବର୍ତ୍ତମାନ ସମୟରେ ଛାତ୍ରୀମାନଙ୍କ ସକାଶେ ଆତ୍ମରକ୍ଷା ତାଲିମର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଖେଳ ଶିକ୍ଷକ ଦେବେନ୍ଦ୍ର ନାଏକ ଅତିଥି ପରିଚୟ ସହ ସଭା ସଂଯୋଜନା କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ଜନ୍ମେଜୟ କୁମୁରା ତାଲିମ ବିଷୟରେ ଆଲୋଚନା କରି ଧନ୍ୟବାଦ ଅର୍ପଣ କରିଥିଲେ।

# ଜଙ୍ଘା ବଡ଼ଦେଓଙ୍କ ବାର୍ଷିକ ମହୋତ୍ସବ

ଝାରସୁଗୁଡ଼ା ଅଫିସ,୩୧।୩

ଜଙ୍ଘା ବଡଦେଓ ପୂଜା କମିଟି ବନ୍ଧବାହାଲ ଗୁଡି ତରଫରୁ ଷଡବଂଶୀୟ କ୍ଷତ୍ରୀୟ ଅଉଟ ସମାଜ ଗୋଁଣ୍ଡ ଜାତି ସମାଜର ଆରାଧ୍ୟ ଦେବତା ଜଙ୍ଘା ବଡଦେଓଙ୍କ ବାର୍ଷିକ ପୂଜା ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହା ଗତ ମଙ୍ଗଳବାରରୁ ଆରମ୍ଭ ହୋଇଥିଲା। ପ୍ରଥମ ଦିବସରେ ଜଙ୍ଘା ବଡଦେଓଙ୍କ ଆଗମନ, ଦ୍ୱିତୀୟ ଦିବସରେ କଳସ ଯାତ୍ରା, ତୃତୀୟ ଦିବସରେ ଜଙ୍ଘା ବଡଦେଓଙ୍କ ବଡପୂଜା, ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା । ଏଥିରେ ବନ୍ଧବାହାଲ ପୂଜା କମିଟି ସଭାପତି ନିର୍ମଳ ଦାଉ, ଗୋଣ୍ଡଘୋରା ସଭାପତି ଲଳିତ ମୋହନ ଭୁଏ, ଝାରସୁଗୁଡ଼ା ଜିଲା ମହାସଚିବ ଶ୍ୟାମଲାଲ୍ ନାଏକ, ଜୟବୁଡିଆ ଗୁଡି ସମ୍ପାଦକ ଧନେଶ୍ୱର ମାଝି, ଲଖନପୁର ଗୁଡି ସମ୍ପାଦକ ବିଦ୍ୟାଧର ମାଝି, ରେମଣ୍ଡା ଗୁଡି ସଭାପତି ନନ୍ଦଲାଲ ଧୁରୁଆ, ଲଖନପୁର ବ୍ଲକ୍ ଉପସଭାପତି ଅଶୋକ କୁମାର ମାଝି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପୂଜକ ମୁକ୍ତେଶ୍ୱର ନାଏକ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ।



ଶ୍ରଦ୍ଧାଳୁମାନେ ଜଙ୍ଘା ବଡଦେଓଙ୍କ ବିଗ୍ରହକୁ କାନ୍ଧରେ ବୋହି ନାଚୁଛନ୍ତି।

## ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

ବ୍ରଜରାଜନଗର,୩୧।୩(ଡି.ଏନ.ଏ.): ବ୍ରଜରାଜନଗର ମହାବିଦ୍ୟାଳୟରେ ଗୁରୁବାର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଏହା ୮ଦିନ ଧରି ଚାଲିବ। ଡକ୍ଟର ରତ୍ନପର୍ଣ୍ଣା ମହାନ୍ତି ସଂଯୋଜନା କରିଥିବାବେଳେ ଅଧକ୍ଷ ଡ. ବିଶ୍ୱଜିତ ଖମାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆତ୍ମସୁରକ୍ଷା ପାଇଁ ଛାତ୍ରୀମାନେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ମୁଖ୍ୟଅତିଥି କହିଥିଲେ। ସହ ସଂଯୋଜକ ଆଶିଷ ଅବସ୍ଥି ଛାତ୍ରୀଙ୍କୁ ଆତ୍ମସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ନୀତୁ ମନହର ଓ ନଗମା ମନହର ମାଷ୍ଟର ଟ୍ରେନର ଭାବେ ଯୋଗଦେଇଥିବା ବେଳେ ଶତାଧିକ ଛାତ୍ରୀ ପ୍ରଥମ ଦିବସରେ ତାଲିମ ଗ୍ରହଣ କରିଥିଲେ।

# କୁଚିଣ୍ଡାରେ ବ୍ଲକସ୍ତରୀୟ ଜନଶୁଣାଣି

କୁଚିଣ୍ଡା,୩୧।୩(ଡି.ଏନ.ଏ.)

କୁଚିଣ୍ଡା ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ଅଧ୍ୟକ୍ଷତା କରି ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଉପରେ ଶୁଣାଣି କରିଥିଲେ। ବ୍ଲକ ସହକାରୀ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ) ପ୍ରଜ୍ଞା ପାରମିତା ସାମଲ ସୂଚନା ଦେଇ କହିଥିଲେ, ବ୍ଲକର ଜବକାର୍ଡ଼ଧାରୀଙ୍କ ସଂଖ୍ୟା ୧୧,୮୩୨ ହୋଇଥିବା ବେଳେ ୧୧,୧୬୦ଜଣ କାମ ପାଇଁ ଆବେଦନ କରିଥିଲେ ଓ ୧୧,୦୫୦ ଜଣକୁ ବିଭିନ୍ନ ପ୍ରକଳ୍ପରେ କାମ ଯୋଗାଇ ଦିଆଯିବ । ମାତ୍ର ସେମାନଙ୍କ ମଧ୍ୟରୁ ୯୫୪୪ଜଣ କାମରେ ଯୋଗ ଦେଇଥିଲେ। ଏଥିପାଇଁ ୯,୨୭,୪୦୯ଟି କର୍ମଦିବସ ସୃଷ୍ଟି କରାଯାଇ ମଜୁରିବାବଦକୁ ମୋଟ ୧୩ କୋଟି ୩୩ ଲକ୍ଷ ୬୮ ହଜାର ଟଙ୍କା ପ୍ରଦାନ କରାଯାଇଛି। ବ୍ଲକରେ ୧୭ ପଞ୍ଚାୟତ ରହିଥିବା ସ୍ଥଳେ କେବଳ ବାଉରୀଗୋଡା ପଞ୍ଚାୟତର ୯ ଜଣ ପୁରୁଷ ଓ ମହିଳାଙ୍କ ବ୍ୟତୀତ ଅନ୍ୟ ପଞ୍ଚାୟତର ଜଣେ ବି ଶ୍ରମିକ ଆସି ନ ଥିବା ଦେଖିବାକୁ ମିଳିଥିଲା। ଶିବିରରେ ବିଡ଼ିଓ ନିରଞ୍ଜନ ସା, ଏବିଡ଼ିଓ ସହଦେବ ନନ୍ଦ, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ତହସିଲଦାର ପ୍ରତିମା ପିଙ୍ଗ ଓ ବ୍ଲକ ଅଡିଟର ହରେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଶିବିରରେ ଯୋଗଦେଇଥିବା ଅଧିକାରୀ ଓ ଲୋକପ୍ରତିନିଧି।

# ଦୁଇ ଆଶାୟୀଙ୍କ ନାମକୁ ନେଇ ଚର୍ଚ୍ଚା

## ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଉପନିର୍ବାଚନ

ଝାରସୁଗୁଡ଼ା ଅଫିସ,୩୧।୩

ବିଧାୟକ କିଶୋର ମହାନ୍ତିଙ୍କ ଅକାଳ ବିୟୋଗ ପରେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ହେବାକୁ ଯାଉଛି। ଏ ନେଇ ବହୁଶୀଘ୍ର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ତତ୍ପରତା ପ୍ରକାଶ ପାଇଲାଣି। ଏପରି କି ଆଶାୟୀ ପ୍ରାର୍ଥୀମାନେ ଦଳୀୟ ଟିକେଟ୍ ପାଇବା ପାଇଁ ଲବି ଆରମ୍ଭ କରିଦେଲେଣି। ଶାସକ ବିଜେଡିର ଦୁଇ ଆଶାୟୀଙ୍କ ନାମକୁ ନେଇ ଜିଲାରେ ଚର୍ଚ୍ଚା ଜୋର୍ ଧରିଛି।

ସେମାନେ ହେଲେ ସ୍ୱର୍ଗତ ମହାନ୍ତିଙ୍କ ସ୍ତ୍ରୀ ଅଳକା ମହାନ୍ତି ଓ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାଶଙ୍କ ଝିଅ ଦୀପାଳି ଦାଶ। ବିଜେଡିର ନୀତିନିୟମକୁ ଦେଖିଲେ ସ୍ୱର୍ଗତ ଜନପ୍ରତିନିଧିଙ୍କ ପରିବାର ସଦସ୍ୟଙ୍କୁ ଦଳ ପ୍ରାଥମିକତା ଦେଇ ଟିକେଟ୍ ଦେଇଥାଏ। ଏହି ହିସାବରେ ସ୍ୱର୍ଗତ ମହାନ୍ତିଙ୍କ ପରିବାର ଟିକେଟ୍ ପାଇବା ପାଇଁ ହକ୍‌ଦାର। ଅନ୍ୟପକ୍ଷରେ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କ ଝିଅ ଦୀପାଳି ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି। ତାଙ୍କ ଗସ୍ତକୁ ନେଇ ଦୀପାଳି ଏଠାରୁ ବିଜେଡି ପ୍ରାର୍ଥିନୀ ହେବେ ବୋଲି ଦଳୀୟ କର୍ମୀଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଛି। ଗତ ୧୭ତାରିଖରେ ଲଖନପୁର ୨ନଂ ଜୋନ୍‌ରେ ନରସିଂହ ବିଷ୍ଣୁପ୍ରିୟା ସେବାଟ୍ରଷ୍ଟ ତରଫରୁ ସ୍ଥାନୀୟ ଲୋକଙ୍କ ସେବାପାଇଁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିଲା। ଏଥିରେ ଟ୍ରଷ୍ଟର ଟ୍ରଷ୍ଟି ଦୀପାଳି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଭାରେ ଲଖନପୁର ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଗୌତମ ପ୍ରଧାନ ଯୋଗଦେଇ ଦୀପାଳି ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥିନୀ ହେବା ପାଇଁ ଲୋକେ ଚାହୁଁଥିବା କହିଥିଲେ। ତାଙ୍କ ବକ୍ତବ୍ୟକୁ ନେଇ ପରେ ଦଳୀୟ କର୍ମୀଙ୍କ ମଧ୍ୟରେ ଆଲୋଚନା ଓ ସମାଲୋଚନା ହୋଇଥିଲା। ଗଣମାଧ୍ୟମକୁ ଦୀପାଳି ପ୍ରତିକ୍ରିୟା ଦେଇ କହିଥିଲେ, ଦଳର ସୁପ୍ରିମୋ ଯାହା ଚାହିଁବେ ତାହା ହେବ। ଏଭଳି ସ୍ଥିତିରେ ସ୍ୱର୍ଗତ ମହାନ୍ତିଙ୍କ ସ୍ତ୍ରୀ ଅଳକା ଦୀର୍ଘଦିନ ନୀରବତା ପରେ ୧ସପ୍ତାହ ତଳେ ଗଣମାଧ୍ୟମରେ ମୁହଁ ଖୋଲିଥିଲେ। ସେ କହିଥିଲେ, ଦଳ ଯଦି ତାଙ୍କୁ ଟିକେଟ୍ ଦେବ ତା'ହାଲେ ସେ ନିର୍ବାଚନ ଲଢି ସ୍ୱାମୀଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବେ। ଦଳୀୟ ପ୍ରାର୍ଥୀ ଚୟନ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଥିଲେ ଦଳର ସଭାପତି ନବୀନ ପଟ୍ଟନାୟକ ଏ ସମ୍ପର୍କରେ ନିଷ୍ପତ୍ତି ନେବେ।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ସୁନ୍ଦରଗଡ଼,(ଡି.ଏନ୍.ଏ): ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ମହର୍ଷି ଦୟାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଛି। ଅଧକ୍ଷ ଡମ୍ବରୁଧର ପଟେଲ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧାପକ ଗୁଣମଣି ପଟେଲ ଛାତ୍ରୀମାନଙ୍କ ସକାଶେ ଆତ୍ମରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଭାସିନୀ ଗର୍ଡିଆ ଓ ଗୀତା ଧୁଆ ପ୍ରଶିକ୍ଷିକା ଭାବେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଅଧାପକ ଦିବ୍ୟ ସିଂ ପଟେଲ, ଅଧାପକ ସୁଧୀର ପଟେଲ, ଭରତ କୁମାର, ଅଧାପିକା ଲୀନା ପଟେଲ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ପୌରାଧ୍ୟକ୍ଷାଙ୍କୁ ଭେଟିଲା ସୁନ୍ଦରଗଡ଼ କଳାକାର ମଞ୍ଚ



**ସୁନ୍ଦରଗଡ଼, ୩୧ ।୩ (ଡି.ଏନ୍.ଏ):** ସୁନ୍ଦରଗଡ଼ କଳାକାର ମଞ୍ଚର ଏକ ପ୍ରତିନିଧି ଦଳ ପୌରାଧକ୍ଷା ତନୟା ମିଶ୍ରଙ୍କୁ ସାକ୍ଷାତକରି କଳାକାରମାନଙ୍କ ବିଭିନ୍ନ ଦାବି ନେଇ ଆଲୋଚନା କରିଛନ୍ତି। ସହରର ମଧ୍ୟଭାଗ କଳାୟତନ ସମ୍ମୁଖରେ ଥିବା ଖୋଲାସ୍ଥାନରେ କଳାକାରମାନଙ୍କ ରିହର୍ସାଲ କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି ଜଣାଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୁନ୍ଦରଗଡ଼ କଳାକାର ମଞ୍ଚର ରୋଶନ ସାହୁ, ମନୋଜ ସାହୁ, ଗୋପାଳ ମିସ୍ତ୍ରୀ, ଗୋପାଳକୃଷ୍ଣ ମିଶ୍ର, ବିବେକ ନାଏକ, ଅମରେଶ ଦାଶ ଓ ଲତିକା ପଟ୍ଟନାୟକ ପ୍ରମୁଖ ପୌରାଧକ୍ଷାଙ୍କ ସହିତଆଲୋଚନାରେ ଉପସ୍ଥିତ ଥିଲେ।

### ପ୍ରକଳ୍ପଗୁଡ଼ିକର କାର୍ଯ୍ୟ, ଖର୍ଚ୍ଚ ନେଇ ଅସନ୍ତୋଷ

**କୁଆଁରମୁଣ୍ଡା,୩୧ ।୩(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକରେ ଗୁରୁବାର ଏମ୍‌ଜିଏନ୍‌ଆଇଜିଏସ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଆଁରମୁଣ୍ଡା ପଞ୍ଚାୟତ ସମିତିର ନୂତନ ଅଧକ୍ଷା ଜ୍ୟୋତି କେର୍କେଟା, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ବିଡିଓ ବିକାଶ ଚନ୍ଦ୍ର ସାହୁ, ଏପିଓ ବିଷ୍ଣୁମୋହନ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବ୍ଲକର ୨୦ଟି ପଞ୍ଚାୟତରେ ଗତ ୨୧।୦୪।୨୦୨୦ ରୁ ୩୧।୩।୨୦୨୧ ମଧ୍ୟରେ ହୋଇଥିବା ଏମ୍‌ଜିଏନ୍‌ଆଇଜିଏସ୍ କାର୍ଯ୍ୟଗୁଡିକର ସମୀକ୍ଷା କରାଯାଇଛି। ଉକ୍ତ କାର୍ଯ୍ୟଗୁଡିକ ଠିକ୍‌ଭାବେ କରାଯାଇଛି କି ନାହିଁ ଭିଆରପିମାନେ ତଥ୍ୟ ସଂଗ୍ରହ କରିଥିଲେ। ହେଲେ ଭିଆରପିଙ୍କ ତଥ୍ୟ ଓ ଶିବିରରେ ଉତ୍ତର ରଖିଥିବା ଜିଆର୍‌ଏସ୍‌ମାନଙ୍କ ମଧ୍ୟରେ ଅନେକ ତଫାତ୍ ଦେଖାଯାଇଥିବା ଜଣାପଡ଼ିଥି। ଏହିଭଳି ଘଟଣା ବ୍ଲକର ଅଣ୍ଡାଳି ପଞ୍ଚାୟତରୁ ଆରମ୍ଭ ହୋଇ ଏକାଧିକ ପଞ୍ଚାୟତରେ ହୋଇଥିବା ଏହି ଜନଶୁଣାଣି ଶିବିର ଆଲୋଚନାରୁ ଜଣାପଡ଼ିଛି। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମଧ୍ୟ ସାଧାରଣ ଖାଉଟୀଙ୍କୁ ବିଭିନ୍ନ ଆଳଦେଖାଇ ଯୋଗାଣ ବିଭାଗ ପକ୍ଷରୁ ହଇରାଣ କରାଯାଉଥିବା ନବ ନିର୍ବାଚିତ ସମିତି ସଭ୍ୟ ଯୋଗେଶ୍ୱର ରାଉତଙ୍କ ସହ ଅନ୍ୟମାନେ ଅଭିଯୋଗ କରିଛନ୍ତି। ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ହେଉ କି ଅନ୍ୟ ଯେକୌଣସି ଉନ୍ନୟନମୂଳକ କାର୍ଯ୍ୟ ଏହି ବ୍ଲକରେ କନିଷ୍ଠ ଯନ୍ତ୍ରୀମାନଙ୍କଠାରୁ ଆରମ୍ଭ କରି କର୍ମଚାରୀ ଓ ଅଧିକାରୀମାନେ ଜନପ୍ରତିନିଧିମାନଙ୍କୁ ସହଯୋଗ କରୁ ନ ଥିବା ଜିଲା ପରିଷଦ ସଭ୍ୟ କୁଜୁର ଅଭିଯୋଗ କରିଛନ୍ତି। ମୋଟ ଉପରେ ଏହି ଶିବିରରେ ଉପସ୍ଥିତ ଥିବା ନିର୍ବାଚିତ ଜନପ୍ରତିନିଧିମାନେ ପ୍ରକଳ୍ପଗୁଡିକରେ ହୋଇଥିବା କାର୍ଯ୍ୟ, ଖର୍ଚ୍ଚ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନୁରୂପ ଭାବେ ବ୍ଲକରେ ହେଉଥିବା ବିଭିନ୍ନ ଶିବିର ବିଶେଷ କରି ଭୀମଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର, ବିଶ୍ୱ ମହିଳା ଦିବସ, ଏପରିକି ଆଜିର ଜନଶୁଣାଣି ଶିବିରରେ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଉ ନ ଥିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

# ବନ୍ଦ ସ୍କୁଲକୁ ପୁଣି ଖୋଲାଯାଉ

**ଜିଲା ଶିକ୍ଷା ଅଧିକାରୀ, ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ କିସାନଗୟଳମରା ଗ୍ରାମବାସୀ**

ଦେବଗଡ଼,୩୧।୩(ଡି.ଏନ୍.ଏ.)



ଦେବଗଡ଼ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ ।

ଛାତ୍ରୀଛାତ୍ର ଅଭାବରୁ ବନ୍ଦ ହୋଇ ପଡିଥିବା ବାରକୋଟ ବ୍ଲକ କଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କିସାନଗୟଳମରା ପ୍ରାଥମିକ ସ୍କୁଲକୁ ପୁଣି ଥରେ ଖୋଲିବା ପାଇଁ ଦାବି ହୋଇଛି। ଛାତ୍ରୀଛାତ୍ର ଅଭାବରୁ ସରକାର ଉକ୍ତ ସ୍କୁଲକୁ ବନ୍ଦ ଘୋଷଣା କରିବା ସହ କଲା ସ୍ଥିତ ନୋଡାଲ ସ୍କୁଲ ସହିତ ମିଶାଇ ଦେଇଥିଲେ। ଫଳରେ ଛାତ୍ରୀଛାତ୍ରମାନଙ୍କୁ ଜାତୀୟ ରାଜପଥ ଦେଇ ପ୍ରାୟ ଅଢେଇ କି.ମି.ଦୂରକୁ ଯିବାକୁ ପଡିବା ସହ ସେମାନେ ସଡକ ଦୁର୍ଘଟଣାର ମଧ ଶିକାର ହେବାର ଆଶଙ୍କା ଦେଖାଦେଇଛି। ଅନ୍ୟ ପକ୍ଷରେ ଇତି ମଧରେ ଗାଁରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ପୁଣିଥରେ ଉକ୍ତ ସ୍କୁଲକୁ ଖୋଲିବା ଦାବିରେ ଗୁରୁବାର ଉକ୍ତ ଗ୍ରାମର ବହୁ ମହିଳା ଏବଂ ପୁରୁଷ ଦେବଗଡ଼ ଜିଲା ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ କିସାନଗୟଳମରା ପ୍ରାଥମିକ ସ୍କୁଲକୁ ପୁଣି ଥରେ ଖୋଲିବା ପାଇଁ ଦାବିକରି ଏମର୍ମରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହିପରି ତୁରନ୍ତ ଉକ୍ତ ସ୍କୁଲକୁ ପୁଣିଥରେ ଖୋଲା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବା ନେଇ ଗ୍ରାମବାସୀ ଉକ୍ତ ସ୍ମାରକପତ୍ର ଜରିଆରେ ଲିଖିତ ଚେତାବନୀ ଦେଇଥିବା ଜଣାପଡ଼ିଛି।

# ଦରବୃଦ୍ଧିକୁ ବିରୋଧକରି ବିକ୍ଷୋଭ

ରାଉରକେଲା ଅଫିସ,୩୧।୩

ତେଲଦର ଓ ରନ୍ଧନ ଗ୍ୟାସ୍‌ର ଅହେତୁକ ଦରବୃଦ୍ଧିକୁ ନେଇ ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ଏସ୍‌ଟିଆଇ ଓଭରବ୍ରିଜ୍ ଛକ ତଳେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗତ ୧୦ ଦିନ ମଧ୍ୟରେ ତେଲ ଦର ୯ଥର ବୃଦ୍ଧିକୁ ନେଇ ସାଧାରଣ ଜନତା ଚିନ୍ତାରେ ଅଛନ୍ତି। ରନ୍ଧନ ଗ୍ୟାସ ଦରବୃଦ୍ଧି ସିଧା ରୋଷେଇ ଘରେ ପ୍ରଭାବ ପକାଇଛି ବୋଲି ଦଳର ପୂର୍ବତନ ସଭାପତି ବିରେନ ସେନାପତି କହିଛନ୍ତି। ୫ଟି ରାଜ୍ୟରେ ନିର୍ବାଚନ ଶେଷ ହେବା ପରେ କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପକୁ କଂଗ୍ରେସ ପକ୍ଷରୁ ନିନ୍ଦା କରାଯାଇଛି। କେନ୍ଦ୍ର ସରକାର ଆଗାମୀ ଦିନରେ ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ ନ କଲେ ଦଳ ପକ୍ଷରୁ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଦେବବ୍ରତ ବିହାରୀ, ନିରୁପମା ବଳିଆରସିଂ, ଭାସ୍କର ଖିଲାର, କୈଳାସ ସାହୁ, ନିହାର ଦାସଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଭିଭାବିକା ଅଭିଭାବକ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ଅଭିଭାବକ, ଶିକ୍ଷକ ଓ ଅନ୍ୟମାନେ।

ଲହୁଣୀପଡ଼ା, ୩୧।୩(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ପରାଗପୋଷ ଗ୍ରାମସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ସଭାଗୃହରେ ଗୁରୁବାର ଅଭିଭାବିକାଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧକ୍ଷ ବିଭୂତି ଭୂଷଣ ସାହୁ ଅଧକ୍ଷତା କରିଥିଲେ। ପ୍ରଦୀପ କୁମାର ସାହୁ, ଆତ୍ମଜ କୁମାର ଭୋଇ, ଭୀମସେନ ଶବର, ଅମଳେନ୍ଦୁ ପଣ୍ଡା,ସାଗରିକା ବିଶ୍ୱାଳ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ମଞ୍ଚାସୀନ ଥିଲେ। ଏହି ଅଭିଭାବିକା ଅଭିଭାବକ ସମ୍ମିଳନୀ ଦୁଇଟା ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛତ୍ର ଙ୍କ ଅଭିଭାବକ ଯୋଗ ଦେଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଅଭିଭାବିକା ଅଭିଭାବକ ଯୋଗ ଦେଇଥିଲେ। ମହାମାରୀ କରୋନା କଟକଣା ଯୋଗୁ ବିଦ୍ୟାଳୟ ବନ୍ଦ ରହିଥିଲା। ଫଳରେ ଛାତ୍ରୀଛାତ୍ର ଉଚିତ ଶିକ୍ଷା ଗ୍ରହଣ କରିବାରୁ ବଞ୍ଚିତ ହୋଇଥିଲେ। ବିଦ୍ୟାଳୟ ତରଫରୁ ବିଷୟ ଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅନଲାଇନ ଶିକ୍ଷା ପ୍ରଦାନ କରିଥିଲେ ମଧ ଅନେକ ଛାତ୍ରୀଛାତ୍ର ଏଥିରୁ ବଞ୍ଚିତ ହୋଇଥିଲେ। ଲହୁଣୀପଡ଼ା ବ୍ଲକରେ କେତେକ ଗ୍ରାମ ପାହାଡ଼ ଉପରେ ରହିଛି। ଅନେକ ଗ୍ରାମକୁ ବର୍ତ୍ତମାନ ସୁଦ୍ଧା ରାସ୍ତା ବିଦ୍ୟୁତ୍ ସଂଯୋଗ କିମ୍ବା ମୋବାଇଲ ଟାୱାର ସ୍ଥାପିତ ହୋଇପାରିନାହିଁ। ସେହିସବୁ ଅଞ୍ଚଳର ଛାତ୍ରୀଛାତ୍ର ଅନଲାଇନ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏଣୁ ରିଭିଜନ କ୍ଲାସ ହେବା ପାଇଁ, ହୋମ ଟାସ୍କ, ଏନସିସି ଖୋଲିବା ପାଇଁ, ଖାଲିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପଦ ପୂରଣ କରିବା ପାଇଁ ଓ ଶିକ୍ଷା ସହିତ ସାମାଜିକ କ୍ରୀଡା ଓ ସାଂସ୍କୃତିକ ପ୍ରଭୃତି ଆୟୋଜନ କରାଯାଇ ବିଭିନ୍ନ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କର ପ୍ରତିଭା ଆବିଷ୍କାର କରାଯାଉ ବୋଲି ଅଭିଭାବିକା ଅଭିଭାବକମାନେ ଆଲୋଚନା ମାଧମରେ ଦାବି କରିଥିଲେ।

# ଆଦିବାସୀ କଳା, ସଂସ୍କୃତି ବଞ୍ଚାଇ ରଖିବା ଲକ୍ଷ୍ୟ




ଉଦ୍‌ଘାଟନୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

ରାଉରକେଲା ଅଫିସ,୩୧।୩

ରାଉରକେଲା ସେକ୍ଟର-୫ ପ୍ରଦର୍ଶନୀ ପଡିଆରେ ବାଣିଜ୍ୟ ମେଳା 'ଆଦି ମହୋତ୍ସବ-୨୦୨୨' ଗୁରୁବାର ଉଦ୍‌ଘାଟିତ ହୋଇଛି। ରାଉରକେଲା ଇସ୍ପାତ କାରଖାନା ଓ ଟ୍ରାଇଫେଡର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଦିବାସୀ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଆଦି ମହୋତ୍ସବର ଲକ୍ଷ୍ୟ ବୋଲି କହିଥିଲେ। ସୁନ୍ଦରଗଡ ଜିଲାପାଳ ନିଖିଲ ପବନ କଲ୍ୟାଣ, ପାନପୋଷ ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ, ଆରଏସ୍‌ପି କାର୍ମିକ ଓ ପ୍ରଶାସନିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟ୍ରାଇଫେଡର ଆଞ୍ଚଳିକ ପରିଚାଳକ ରାହୁଲ ରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଆଦିବାସୀ କାରିଗରମାନେ ଏହି ମହୋତ୍ସବରେ ଅଂଶଗ୍ରହଣ କରିଛନ୍ତି। ଏହି ମେଳାରେ ୧୦୦ଟି ଷ୍ଟଲ ପ୍ରଦର୍ଶିତ ହୋଇଛି। ବିଶେଷ କରି ଜୈବିକ ଉତ୍ପାଦକ, ବୟନଶିଳ୍ପ, ଚିତ୍ରକଳା, ଖୋଟ ଶିଳ୍ପ, ବେତ ଓ ବାଉଁଶ ସାମଗ୍ରୀ, ଆଦିବାସୀଙ୍କ ଅଳଙ୍କାର ଓ ଖାଦ୍ୟପେୟ ମେଳାରେ ପ୍ରଦର୍ଶିତ ହେଉଛି।

## କ୍ୟାମ୍ପର ଡାଲାରୁ ପଡ଼ି ଯୁବକ ମୃତ

କୁଆଁରମୁଣ୍ଡା,୩୧।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ସରଣ୍ଡାମାଳ ନିକଟରେ ଏକ କ୍ୟାମ୍ପର ଓଆର୧୪ପି୬୯୦୬ ରୁ ଗଳିପଡ଼ି ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣଙ୍କ ହେଉଛନ୍ତି ବ୍ରାହ୍ମଣୀତରଙ୍ଗ ଥାନା ପରବା ଗ୍ରାମ ଝରାବାହାଲ ଅଞ୍ଚଳର ଯୋହାନ ବିଜୟ ମାଝି। ଏନେଇ ଏକ ମାମଲା(ନଂ.୬୩/୨୨) ରୁଜୁ କରିବା ସହ ଉକ୍ତ କ୍ୟାମ୍ପରକୁ ଜବତ କରି ପୋଲିସ ତଦନ୍ତ ଚଳାଇଛି। ବୁଧବାର ସନ୍ଧ୍ୟାରେ ସମ୍ପୃକ୍ତ ଯୁବକ ଯୋହାନ ଓ ଅନ୍ୟମାନେ ଉକ୍ତ କ୍ୟାମ୍ପରରେ କୁଆଁରମୁଣ୍ଡା ବ୍ଲକ ପଦମପୁର ପଞ୍ଚାୟତର ପଦମପୁରକୁ କୁଣିଆ ଯାଉଥିଲାବେଳେ ବାଟରେ ଏପରି ଅଘଟଣ ଘଟିଥିଲା। ଯୋହାନଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଯାଇଛି।

# ବିଜ୍ଞାନମେଳା: ଭାଗନେଲେ ୧୪୯ କୁନି ବୈଜ୍ଞାନିକ

କୁତ୍ରା, ୩୧।୩ (ଡି.ଏନ.ଏ.)




ବିଜ୍ଞାନ ମେଳାରେ କୁନି ବୈଜ୍ଞାନିକଙ୍କୁ ପୁରସ୍କୃତ କରାଯାଉଛି।

ସୁନ୍ଦରଗଡ଼ ଜିଲା କୁତ୍ରା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୪୯ଜଣ ଛାତ୍ରୀଛାତ୍ର (କୁନି ବୈଜ୍ଞାନିକ) ଯୋଗଦେଇ ନିଜର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହାକୁ କୁତ୍ରା ବ୍ଲକ ଅଧକ୍ଷା ଶାନ୍ତିଲତା ଲାକଡା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ପିଙ୍କି ସୁନ୍ୟାନୀ, କୁତ୍ରା ସରପଞ୍ଚ ଭୁବନ କୁଜୁର, ମହେନ୍ଦ୍ର କୁଜୁର, ଶଙ୍କରପ୍ରଶାଦ ଟପ୍ପୋ, ପ୍ରକାଶ ରୟ, ନଳିନୀକାନ୍ତ ଶାସନୀ ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୁତ୍ରା ବିଡିଓ ରବୀନ୍ଦ୍ର କୁମାର ସେଠୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶାରଙ୍ଗଧର ବରିହା, ଜିଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ, ବ୍ଲକ ଉପାଧକ୍ଷ କୌସ୍ତୁଭ ଭୂଷଣ ହୋତା, ବିଶିକେଶନ ସାହୁ ପ୍ରମୁଖ ଉପସ୍ଥିତ ରହି କୁନି ବୈଜ୍ଞାନିକମାନଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଶ୍ରେଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ ଦୀପିକା କେର୍କେଟା, ସରସତୀ ପଟେଲ, ମୁକ୍ତିକାନ୍ତ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗମ୍ଭାରଡିହି ବାଳିକା ବିଦ୍ୟାଳୟ,ସର୍ଗୁକିଶାନ ବିଦ୍ୟାପୀଠ, ଡାହିଜିରା କନ୍ୟାଶ୍ରମ, ଆମ୍ବଗୋଭା ଉନ୍ନୀତ ସ୍କୁଲ, ଡାହିଜିରା ଜଉରାମୁଣ୍ଡା ସ୍କୁଲଗୁଡିକୁ ପୁରସ୍କୃତ କରାଯାଇଥିଲା। ସେହିଭଳି କୁତ୍ରା ବ୍ଲକରେ ନୂତନ ଭାବେ ଶିକ୍ଷକ ନିଯୁକ୍ତ ପାଇଥିବା ୧୯ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ନିତ୍ୟାନନ୍ଦ ବେହେରା, ଲୋକନାଥ ପ୍ରଧାନ, କୃଷ୍ଣଚନ୍ଦ୍ର ଟପ୍ପୋ, ସୁଦୀପ୍ତ ବେହେରା, ରାଜେଶ ବେହେରା, ବୈଦ୍ୟନାଥ ଜୟପୁରିଆ ସମେତ ସମସ୍ତ ସିଆରସିସି ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ବିଭୀଷଣ ବାରିକ ସଂଯୋଜନା କରିଥିଲେ। ବିପିନ ସାହୁ, ମହେନ୍ଦ୍ର ସିଂ, ଟିକଚାନ୍ଦ ସିଂ ସମେତ କୁତ୍ରା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ସବୁଜ ବାହିନୀ, ଭାରତ ସ୍କାଉଟ୍ସ ଗାଇଡ୍ସ, ଜେଆରସି ବିଭାଗ ସହଯୋଗ କରି ଏହାକୁ ସଫଳ କରିଥିଲେ।

## ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ରାଉରକେଲା ଖେଳାଳି

ରାଉରକେଲା ଅଫିସ,୩୧।୩

କୋରାପୁଟର ଟିକିରିରେ ଆୟୋଜିତ ହୋଇଥିବା ୨ ଦିନିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ରାଉରକେଲାର ଖେଳାଳି ସଫଳତା ପାଇଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲାରୁ ଶହେରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିବାବେଳେ ରାଉରକେଲାରୁ ୪ଜଣ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ରାଉରକେଲାର ସୁରେନ୍ଦ୍ର ବେହେରା ୬୦ରୁ ୬୫ କେ.ଜି ବର୍ଗରେ ରୌପ୍ୟ ପଦକ, ବିଷ୍ଣୁ ଦାସ ୫୦ରୁ ୫୫ କେଜିରେ କାଂସ୍ୟ ପଦକ ଓ କାର୍ତ୍ତିକ ପ୍ରଧାନ କନିଷ୍ଠ ବର୍ଗରେ ୪ର୍ଥ ସ୍ଥାନ, ରାହୁଲ ରଞ୍ଜନ ୭୦ରୁ ୭୫ କେ.ଜିରେ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ସୁନ୍ଦରଗଡ ଆର୍ମଚର ବଡି ବିଲଡିଂ ସଂଘ ସଭାପତି ସୁଶାନ୍ତ ବେହେରା, ସମ୍ପାଦକ ବିରଞ୍ଚି ମିଶ୍ର, ବିକ୍ରମ ସ୍ୱାଇଁ, ଦୀପକ ବେହେରା, ନିରଞ୍ଜନ ସାମଲ ପ୍ରମୁଖ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିସ୍ଥାପିତ ଗ୍ରାମର ବିବାହିତା ଝିଅ ଜିଲାପାଳଙ୍କୁ ଭେଟିଲେ

ସୁନ୍ଦରଗଡ,୩୧।୩ (ଡି.ଏନ୍,ଏ)

ହେମଗିର ବ୍ଲକ ଅନ୍ତର୍ଗତ ସାନଘୁମୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ତୁଲିଙ୍ଗା, ମଝାପଡା, ବେଲଡିହି ଓ ଖପୁରୀ କଛାର ଗ୍ରାମର ମହିଳାମାନେ ବିଭିନ୍ନ ଦାବି ନେଇ ଗୁରୁବାର ଜିଲାପାଳଙ୍କୁ ସାକ୍ଷାତ କରିଛନ୍ତି। ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ ଓ ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏହି ମହିଳାମାନେ ଜିଲାପାଳଙ୍କୁ ସାକ୍ଷାତକରିଥିଲେ। ଏନ୍‌ଟିପିସି ତୁଲୁଙ୍ଗା କୋଇଲା ଖଣି ପ୍ରକଳ୍ପ ଯୋଗୁ ଏହି ଗ୍ରାମଗୁଡିକର ଅନେକ ବିବାହିତା ଝିଅ ବିସ୍ଥାପିତ ଓ ପୁନର୍ବାସ ଥଇଥାନ ନୀତି ଅନୁଯାୟୀ ଉପଯୁକ୍ତ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରକଳ୍ପ ପାଇଁ ବିସ୍ଥାପିତ ହେବାକୁ ଥିବା ପରିବାର ସର୍ଭେ କାର୍ଯ୍ୟବେଳେ ନାବାଳକ ହୋଇଥିବା ଦର୍ଶାଇ ଅନେକ ଝିଅଙ୍କୁ ତାଲିକାରୁ ବାଦ ଦେଇଥିବାରୁ ପରବର୍ତ୍ତୀ ସମୟରେ ଏହି ଝିଅମାନେ ବିବାହ କରିଥିବାବେଳେ ସରକାରୀ ନିୟମାନୁସାରେ ସେମାନଙ୍କୁ କ୍ଷତିପୂରଣ ବାବଦ ଅର୍ଥ ମିଳିନାହିଁ। ଏଣୁ ଯଥାଶିଘ୍ର ପ୍ରଶାସନ ଓ ସରକାର ପୂନର୍ବାସ ଓ ଥଇଥାନ ନୀତି ଅନୁଯାୟୀ କ୍ଷତିପୂରଣ ପାଇବାରୁ ବଞ୍ଚିତ ମହିଳାମାନଙ୍କୁ କ୍ଷତିପୂରଣ ପ୍ରଦାନ ସକାଶେ ପଦକ୍ଷେପ ନେବାକୁ ଦାବିକରି ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲାପାଳଙ୍କ ସହିତ ଏହି ସାକ୍ଷାତ ଆଲୋଚନାବେଳେ କାଉନସିଲର ବେଣୁଧର ତାଣ୍ଡିଆ, ନିତ୍ୟାନନ୍ଦ ପଟେଲ, ସୁସ୍ମିତା ବିଶ୍ୱାଳ, କ୍ଷୀରେଶ୍ୱରୀ ବାରିକ, ସୁରେଖା ଡିଲା, ଚମ୍ପାବତୀ କରତା, ବିଳାସିନୀ କିଷାନ, ଯାଜ୍ଞସେନୀ ବାଗ୍, ପୂର୍ଣ୍ଣିମା ସେଠ୍, କିଶୋରୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଦେବଗଡ଼, ୩୧।୩(ଡି.ଏନ୍.ଏ)

ତିଳେଇବଣି ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଦେବଗଡ଼ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ନଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିଳେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ ଓ ଉପାଧକ୍ଷା ଆରତୀ ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣଚନ୍ଦ୍ର ଦଳପତି, ଏବିଡ଼ିଓ ସୁନୀଲ କୁମାର ଗୁରୁ ପ୍ରମୁଖ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ପ୍ରଧାନ ପରିଚାଳନା କରିଥିଲେ। ଏହି ଶିବିରର ୩୨୪ ଜଣ ଯୋଗଦାନ କରିଥିଲେ। ଏଥି ମଧ୍ୟରୁ ୧୯୯ଜଣଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ୫ଜଣଙ୍କୁ ତିନିଚକିଆ ସାଇକେଲ, ୭ଜଣଙ୍କୁ ହୁଇଲ ଚେୟାର ଇତ୍ୟାଦି ଦିଆଯାଇଥିଲା। ବ୍ଲକର କର୍ମଚାରୀ ଶୁଭଙ୍କର ଦେବତା, ବେଦବ୍ୟାସ ସ୍ୱାଇଁ, ଚିନ୍ମୟ ସାହୁ ଓ ପରମେଶ୍ୱର ପ୍ରଧାନ ପ୍ରମୁଖଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ପଞ୍ଜିକରଣ ଲାଗି ଲାଇନ।

# ରାଉରକେଲାରେ ଖୋଲିଲା 'ମିଲେଟ ଶକ୍ତି କାଫେ'

ରାଉରକେଲା ଅଫିସ, ୩୧।୩

**ମାଣ୍ଡିଆ, ଅନ୍ୟାନ୍ୟ ପୁଷ୍ଟିଶସ୍ୟରୁ ମିଳିବ ସୁଆଦିଆ ଜଳଖିଆ ସୁନ୍ଦରଗଡ଼ ଜିଲାରେ ପ୍ରଥମ**



ମିଲେଟ ଶକ୍ତି କାଫେ ଉଦ୍‌ଘାଟନ କାର୍ଯ୍ୟକ୍ରମ।

ରାଉରକେଲା ସହରରେ ଖୋଲିଲା 'ମିଲେଟ ଶକ୍ତି କାଫେ'। ପୁଷ୍ଟିଶସ୍ୟ ମିଶନ, ମିଶନଶକ୍ତି ବିଭାଗ ଆନୁକୂଲ୍ୟରେ ରାଉରକେଲା କୋଏଲ ନଗରଠାରେ ଏହି କାଫେ ଖୋଲିଛି। ଏହା ହେଉଛି ସୁନ୍ଦରଗଡ଼ ଜିଲାର ପ୍ରଥମ ମିଲେଟ ଶକ୍ତି କାଫେ। ବୁଧବାର ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ ଏହାର ଉଦ୍‌ଘାଟନ କରିଛନ୍ତି। ବିଶ୍ରା ଅଞ୍ଚଳର ଦିବ୍ୟଜ୍ୟୋତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ମିଲେଟ ଶକ୍ତି କାଫେର ପରିଚାଳନା ଦାୟିତ୍ୱ ଦିଆଯାଇଛି। ସୁନ୍ଦରଗଡ଼ ଜିଲାରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟକୁ ପ୍ରୋତ୍ସାହିତ କରାଯାଉଛି। ଜିଲାର ବ୍ଲକସ୍ତରରେ ମିଲେଟ ଶକ୍ତି ଟିଫିନ ସେଣ୍ଟର ଖୋଲାଯାଉଥିବାବେଳେ ରାଉରକେଲା ସହରରେ ବୁଧବାର ଗୋଟିଏ କାଫେ ଖୋଲାଯାଇଛି। ଏହା ଦ୍ୱାରା ଜନସାଧାରଣଙ୍କୁ ପୋଷଣଯୁକ୍ତ ଖାଦ୍ୟ ମିଳିବା ସହ ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଯୋଡ଼ି ସେମାନଙ୍କ ଜୀବିକାକୁ ସୁନିଶ୍ଚିତ କରାଯାଉଛି ବୋଲି ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ କହିଛନ୍ତି। ମିଲେଟ ଶକ୍ତି କାଫେରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ଜଳଖିଆ ଏବଂ କୁକିଜ ମିଳିପାରିବ। ସେଥିରେ ରହିଛି ବିସ୍କୁଟ, ମିକ୍ସଚର, କୁରୁମା, ସେଉ, ମୁଡକି, ଚାଓମିନ, ନିମ୍‌କି, ମଣ୍ଡାପିଠା, ଆରିସା ପିଠା, ବାଦାମ ପକୋଡ଼ା ଛତୁଆ, ସୁପ, ପିଜା, ଚା, କଫି। ଏହାସହ ଘରେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତି ପାଇଁ ମାଣ୍ଡିଆ ଚୂନା, ଜହ୍ନା ଚୂନା, ବାଜରା ଚୂନା, ସୁଆଁ ଚାଉଳ, କାଙ୍ଗୁ ଚାଉଳ, କୋଦ ଚାଉଳ, ବାନ୍ୟାର୍ଡ ମିଲେଟ ଚାଉଳ ଏବଂ ବ୍ରାଉନ ଟପ ମିଲେଟ ଚାଉଳ ଆଦି ମିଳିବ। ତା'ଛଡ଼ା ଏହି କାଫେରେ ଇଡଲି, ବରା, ସିଙ୍ଗଡ଼ା, ଆଳୁଚପ, ଖେଚୁ ପୁରୀ, ଜିଲାପି ଆଦି ଭଳିକି ଭଳି ସୁଆଦିଆ ଖାଦ୍ୟ ମିଳିବ। ମାଣ୍ଡିଆ ସହିତ ବିଭିନ୍ନ ପୁଷ୍ଟିଶସ୍ୟରେ ପ୍ରଚୁର ପୋଷଣ ଶକ୍ତି ରହିଛି। ତେଣୁ ଏହି ପୁଷ୍ଟିଶସ୍ୟକୁ ଚାଷଜମିରୁ ଲୋକଙ୍କ ଖାଦ୍ୟ ଥାଳି ପର୍ଯ୍ୟନ୍ତ ନେବା ପାଇଁ ଓ ପୁଷ୍ଟିଶସ୍ୟ ମିଶନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ସୁନ୍ଦରଗଡ଼ ଜିଲାର ୭ଟି ବ୍ଲକରେ ପୁଷ୍ଟିଶସ୍ୟ ଚାଷ ସହିତ ୬ଟି ବ୍ଲକରେ ଖୋଲିଥିବା ମିଲେଟ ଶକ୍ତି ଟିଫିନ ସେଣ୍ଟର ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ଆର୍ଥିକ ସହାୟତା ଯୋଗାଇ ଦେଉଛି। ପୁଷ୍ଟିଶସ୍ୟ ମିଶନ ଅଧୀନରେ ସୁନ୍ଦରଗଡ଼ ଜିଲାର ସର୍ବାଧିକ ୧୧ଟି ବ୍ଲକରେ ବର୍ତ୍ତମାନ ମାଣ୍ଡିଆ ସହିତ ବିଭିନ୍ନ ପୁଷ୍ଟିଶସ୍ୟ ଚାଷ କରାଯାଉଛି। ୨୦୨୧-୨୨ରେ ୩,୮୪୯ ହେକ୍ଟର ଜମିରେ ୮ ହଜାରରୁ ଅଧିକ ଚାଷୀ ପୁଷ୍ଟିଶସ୍ୟ ଚାଷ କରିଥିଲେ। 'ମିଲେଟ ଶକ୍ତି କାଫେ'ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଡାକ୍ତର ଶୁଭଙ୍କର ମହାପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରବାସିନୀ ଚକ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ସାହୁ, ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରାକର, ରାଉରକେଲା ମହାନଗର ନିଗମର ଡେପୁଟି କମିଶନର ସୁଧାଂଶୁ କୁମାର ଭୋଇ ଏବଂ ପୁଷ୍ଟିଶସ୍ୟ ମିଶନର ଜିଲା ପ୍ରକଳ୍ପ ଅଧିକାରୀ ନିକିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମିଲେଟ ଶକ୍ତି କାଫେ ଉଦ୍‌ଘାଟନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ମାଣ୍ଡିଆରୁ ପ୍ରସ୍ତୁତ କରିଥିବା ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ।

## ସ୍କୁଲ ପଛପଟ ଗେଟ୍‌କୁ ନେଇ ବଢୁଛି ଅସନ୍ତୋଷ

**ଲୋଇସିଂହା,(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲ ୫ଟିରେ ସାମିଲ ହେବା ପରେ ରୂପାନ୍ତରୀକରଣ କାମ ଚାଲିଛି । ହେଲେ ସ୍କୁଲ ପଛପଟେ ଅନାବଶ୍ୟକଭାବେ ଗେଟ ନିର୍ମାଣକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଜନୈକ ଶିକ୍ଷୟିତ୍ରୀ ଉକ୍ତ ସ୍କୁଲ ପଛପଟ ବସ୍ତିରେ ରହୁଛନ୍ତି। ତାଙ୍କ ଯିବା ଆସିବା ପାଇଁ ଏହି ଗେଟ ନିର୍ମାଣ ହେଉଥିବା କୁହାଯାଉଛି । ଏହି ଗେଟ ହେବା ଦ୍ୱାରା ସ୍କୁଲ ପରିସରକୁ ଦୁର୍ବୃତ୍ତଙ୍କ ଅବାଧ ପ୍ରବେଶ ଆଶଙ୍କା କରୁଛନ୍ତି ସ୍ଥାନୀୟ ଲୋକେ । ଅତୀତରେ ଉକ୍ତ ସ୍କୁଲରୁ ବହୁବାର ଚୋରି ହୋଇଥିବା ନଜିର ରହିଛି । ତେଣୁ ଉକ୍ତ ଗେଟକୁ ବନ୍ଦ କରିବା ପାଇଁ ୫-ଟି କମିଟି ସଦସ୍ୟ ଏବଂ ସ୍ଥାନୀୟ ଅଧିବାସୀ ପ୍ରଧାନଶିକ୍ଷକଙ୍କୁ ଭେଟି ଜଣାଇଛନ୍ତି।

## ସଂକ୍ଷେପରେ

### ଭବାନୀପାଟଣା କୃଷି ମହାବିଦ୍ୟାଳୟର ୨ ଛାତ୍ରୀଙ୍କ ବିଦେଶ ଯାତ୍ରା



ସୁଶ୍ରୀ ପ୍ରୀତି ପଲ୍ଲବୀ ଓ ଶୁଭଦର୍ଶିନୀ ସାହୁ।

**ଭବାନୀପାଟଣା,୩୧।୩(ସ୍ୱ.ପ୍ର.):** ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟଙ୍କ ଆନୁକୂଲ୍ୟରେ ଭବାନୀପାଟଣା କୃଷି ମହାବିଦ୍ୟାଳୟର ୨ଜଣ ଛାତ୍ରୀ ବୁଧବାର ବିଦେଶ ଗସ୍ତରେ ଯାତ୍ରା କରିଛନ୍ତି। ସେମାନେ ହେଲେ ସୁଶ୍ରୀ ପ୍ରୀତି ପଲ୍ଲବୀ ଓ ଶୁଭଦର୍ଶିନୀ ସାହୁ। ଉଚ୍ଚତର ତାଲିମ ପାଇଁ ସେମାନେ ଆମେରିକାର ନେବ୍ରାସ୍କା ବିଶ୍ୱବିଦ୍ୟାଳୟ ଅଭିମୁଖେ ବାହାରିଛନ୍ତି। ସେଠାରେ ୨ମାସ ରହି ସେମାନେ ବିଭିନ୍ନ ଗବେଷଣା କେନ୍ଦ୍ର ବୁଲିବା ସହ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିବେ। ଏହାସହ ଉଦ୍ୟୋଗ ଭିତ୍ତିକ ଅଭିଜ୍ଞତା ମଧ ସାଉଁଟିବେ ବୋଲି ଜଣାପଡିଛି। ମହାବିଦ୍ୟାଳୟ ପକ୍ଷରୁ ଅଧକ୍ଷ ଡ.ଚିନ୍ତାମଣି ପଣ୍ଡା ଓ ନୋଡାଲ ଅଫିସର ଡ.ଶିମ୍ଲି ଦାସ ଏହି କାର୍ଯ୍ୟକ୍ରମରେ ସହାୟତା କରିଛନ୍ତି।

### ଅବ୍ୟବସ୍ଥାରେ ମୃତ୍ତିକା ପରୀକ୍ଷା ସଚେତନତା କାର୍ଯ୍ୟକ୍ରମ

**ଦେଓଗାଁ,୩୧।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରତନପୁରରେ ବ୍ଲକ କୃଷି କାର୍ଯ୍ୟାଳୟ ତରଫରୁ ମୃତ୍ତିକା ପରୀକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଚେତନତା ବୈଠକରେ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ ଅତିଥିଭାବେ ଯୋଗଦେଇଥିଲେ। ବ୍ୟାପକ ଅବ୍ୟବସ୍ଥା ମଧରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କ ବଦଳରେ କେବଳ ସ୍ଥାନୀୟ ସ୍ୱୟଂ ସହାୟକ ଦଳର ମହିଳାମାନେ ଯୋଗ ଦେଇଥିବାରୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟକୁ ନେଇ ଚାଷୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବୈଠକରେ ବ୍ଲକ କୃଷି ଅଧିକାରୀ ବାବାଜୀ ଚରଣ ସେଠୀ କୃଷି କାର୍ଯ୍ୟାଳୟକୁ ନିୟମିତଭାବେ ଆସୁ ନ ଥିବା ନେଇ ବୈଠକରେ ଅଭିଯୋଗ ଉଠିଥିଲା । ସମିତି ଅଧକ୍ଷ ଖମାରୀ ଉକ୍ତ କୃଷି ଅଧିକାରୀଙ୍କୁ ନିୟମିତ କାର୍ଯ୍ୟାଳୟରେ ଉପସ୍ଥିତ ରହି ଚାଷୀଙ୍କ କାମ କରିବାକୁ ଏହି ଅବସରରେ ତାଗିଦ୍ କରିଥିଲେ। ଏ ନେଇ ବ୍ଲକ କୃଷି ଅଧିକାରୀ ସେଠୀଙ୍କୁ ପଚାରିବାରୁ ଏହା ଏକ ସାଧାରଣ ସଭା କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ ।

### ବିଡିଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଦେଓଗାଁ,୩୧।୩(ଡି.ଏନ.ଏ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସଭାଗୃହରେ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ମୂରଲୀଧର ନାଏକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବରିଷ୍ଠ କିରାଣି ଚୈତନ୍ୟ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ଭାରପ୍ରାପ୍ତ ବିଡିଓ ରାମଦତ୍ତ ଭୋଇ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ କମ୍ପ୍ୟୁଟର ପ୍ରୋଗ୍ରାମ ଅଧିକାରୀ ଦେବବ୍ରତ ଶର୍ମା, ଇଓ ଉପେନ୍ଦ୍ର ରଣା, ଓଡିଶା ଜୀବିକା ମିଶନ ପ୍ରକଳ୍ପ ସଂଯୋଜକ ପ୍ରଦୀପ କୁମାର ଛତ୍ରିଆ ବିଡିଓ ନାଏକଙ୍କ କାର୍ଯ୍ୟଦକ୍ଷତା ଉପରେ ମତ ରଖିଥିଲେ । ସେହିପରି ବିଦାୟୀ ବିଡିଓଙ୍କୁ ସାମ୍ବାଦିକ, ବ୍ଲକ କଂଗ୍ରେସ କମିଟି ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଚଳିତ ପଞ୍ଚାୟତ ନିର୍ବାଚନକୁ ନିରପେକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଥିବାରୁ ବିଦାୟୀ ବିଡିଓ ନାଏକଙ୍କୁ ଜିଲାପାଳ ଚଞ୍ଚଳ ରାଣା ସମ୍ମାନିତ କରିଥିଲେ ।

### ଝିଅ ଚାଲାଣ ବିରୋଧରେ ବାହାରିଲା ସଚେତନତା ରଥ

**ଟିଟିଲାଗଡ, ୩୧।୩(ଡି.ଏନ.ଏ.):** ଆଧାର ଚାଇଲଡ୍ ଲାଇନ ପକ୍ଷରୁ ଝିଅ ଚାଲାଣ ବିରୋଧରେ ଏକ ସଚେତନତା ରଥ ଗୁରୁବାର ଟିଟିଲାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଛି। କାର୍ଯ୍ୟକ୍ରମରେ ସହାୟକ ଜିଲାପାଳ ଡ଼.ଲଳିତ ବାଗ, ଏସ୍‌ଡିପିଓ ସୁରେନ୍ଦ୍ର ନାଥ ଶତପଥୀ, ସିଡିପିଓ ମିନାକ୍ଷୀ ରାଜ, ଅଙ୍ଗନବାଡି କର୍ମୀ ଯୋଗଦେଇଥିଲେ। ଏହି ରଥ ଟିଟିଲାଗଡ଼ର ସମସ୍ତ ଗ୍ରାମ ବୁଲି ସଭା ସମିତି ଓ ପ୍ରଚାରପତ୍ର ବାଣ୍ଟି ଝିଅ ଚାଲାଣ ଓ ଏହାର କୁପରିଣତି ସମ୍ବନ୍ଧରେ ସଚେତନ କରାଇବ। ଆଧାର ଚାଇଲଡ୍ ଲାଇନ ସଦସ୍ୟ ଶିବାନନ୍ଦ ବେହେରା, ବିଜୟ ସାହୁ, ହାମିଦା ଖାତୁନ, ଅବିନାଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହତ୍ୟା ପାଇଁ ୩ଲକ୍ଷର ସୁପାରି

**ସମିତି ସଭ୍ୟାଙ୍କ ସ୍ୱାମୀଙ୍କୁ ଗୁଳି କରି ହତ୍ୟା ଘଟଣା**

- ଆଉ ୪ଜଣଙ୍କୁ ଗିରଫ କଲା ପୋଲିସ
- ଟାର୍ଗେଟରେ ଥିଲେ ମୃତକ ଲୋକନାଥ ଓ ତାଙ୍କ ପୁଅ
- ହତ୍ୟାର କାରଣ ପୂର୍ବ ଶତ୍ରୁତା, ରାଜନୈତିକ ବିବାଦ

**ବେଲପଡା,୩୧।୩(ଡି.ଏନ.ଏ.)**



ଗିରଫ ୪ ଅଭିଯୁକ୍ତ।

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ବାଗଦୋର ଗ୍ରାମ ପଞ୍ଚାୟତ ସମିତି ସଭ୍ୟାଙ୍କ ସ୍ୱାମୀ ଲୋକନାଥ ବିଶ୍ୱାଳ ହତ୍ୟା ଘଟଣାର ଗୁମର ଖୋଲିଛି। ପୂର୍ବଶତ୍ରୁତା ଓ ରାଜନୈତିକ ବିଦ୍ୱେଷ ଯୋଗୁ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ କହିଛି। ଆଉ ଏଥିପାଇଁ ଦିଆଯାଇଥିଲା ୩ଲକ୍ଷ ଟଙ୍କାର ସୁପାରି। ସୁପାରି ନେଇଥିଲେ ପାଟଣାଗଡ ଅଞ୍ଚଳର ସନ୍ତୋଷ କୁମାର ଦାଶ(୪୨)। ବନମାଳ ଗ୍ରାମର ବାସୁଦେବ ପଧାନ(୫୨)ଥିଲେ ମୁଖ୍ୟ ଅଭିଯୁକ୍ତ। ଟାର୍ଗେଟରେ ଥିଲେ ଲୋକନାଥ ଓ ତାଙ୍କ ପୁଅ ଅନିଲ। ହେଲେ ଘଟଣା ଦିନ କେବଳ ଲୋକନାଥଙ୍କୁ ହତ୍ୟା କରିବାରେ ଅଭିଯୁକ୍ତମାନେ ସଫଳ ହୋଇଥିଲେ। ଏହି ଘଟଣାରେ ଗୁରୁବାର ବେଲପଡା ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ବେଳେ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି।

ବେଲପଡ଼ା ଥାନା ଆଇଆଇସି ବୁଲୁ ମୁଣ୍ଡାଙ୍କ ସୂଚନା ଅନୁଯାୟୀ, ୨୦୧୫-୧୬ ମସିହାରୁ ଲୋକନାଥ ବିଶ୍ୱାଳଙ୍କ ପରିବାର ସହ ବାସୁଦେବଙ୍କ ପରିବାର ମଧ୍ୟରେ ଜମିବାଡିକୁ ନେଇ ଗଣ୍ଡଗୋଳ ରହିଥିଲା। ସେ ସମୟରେ ଲୋକନାଥଙ୍କ ପୁଅ ଅନିଲ ବାସୁଦେବଙ୍କୁ ନିସ୍ତୁକ ମାଡ ମାରିଥିଲେ। ଏଥିରେ ତାଙ୍କ ପଞ୍ଜରା ହାଡ ଭାଙ୍ଗି ଯାଇଥିଲା। ବୁର୍ଲାରେ ୨ମାସ ଚିକିତ୍ସା ପରେ ସେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ପୁଣି ଥରେ ସେମାନଙ୍କ ମଧରେ ଗାଁରେ ଏକ ବିବାହ ଭୋଜିରେ ଗଣ୍ଡଗୋଳ ହୋଇଥିଲା। ତେଣୁ ଏହାର ପ୍ରତିଶୋଧ ନେବା ପାଇଁ ବାସୁଦେବ ବାଟ ଖୋଜୁଥିଲେ। ଅନ୍ୟ ଏକ ଘଟଣାକ୍ରମରେ ବାସୁଦେବ ପଧାନ ନୂଆପଡା ଜିଲା କଲାମାଟି ଅଞ୍ଚଳର ବୁଡି ଅଞ୍ଚଳରେ ଘରଦ୍ୱାର ଜମି ଯିବା ପରେ କ୍ଷତିପୂରଣ ବାବଦକୁ ବହୁତ ଟଙ୍କା ପାଇଥିଲେ। ସେହି ଟଙ୍କାକୁ ନେଇ ଶ୍ୱଶୁର ଘର ବନମାଲ ଆସି ଜମିବାଡି କିଣିଥିଲେ। ଏଠାରେ ରହଣି ସମୟରେ ବାସୁଦେବ ଏକ ଜାତୀୟ ଦଳରେ ଯୋଗଦେଇ ପ୍ରଭାବ ବିସ୍ତାର କରିବାକୁ ଚାହୁଁଥିଲେ। ହେଲେ ଏଥିରେ ଲୋକନାଥ ଅନ୍ତରାୟ ସାଜୁଥିଲେ। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସମିତି ସଭ୍ୟାଭାବେ ଲେକନାଥ ନିଜ ସ୍ତ୍ରୀଙ୍କୁ ନିର୍ଦ୍ୱନ୍ଦ୍ୱରେ ବିଜୟୀ କରାଇଥିଲେ। ଏପରକି ନିଜର ଜଣେ ସମର୍ଥକଙ୍କୁ ସରପଞ୍ଚଭାବେ ନିର୍ବିରୋଧ ବିଜୟୀ କରାଇଥିଲେ। ଏଥିରେ ବାସୁଦେବ ଈର୍ଷାନ୍ୱିତ ହୋଇ ଉଠିଥିଲେ। ସବୁଦିନ ପାଇଁ ଲୋକନାଥଙ୍କୁ ରାସ୍ତାରୁ ହଟାଇ ଦେବା ପାଇଁ ଯୋଜନା କରିଥିଲେ। ଯୋଜନା ମୁତାବକ ପାଟଣାଗଡ ଥାନା ପାଡେଲ ଗ୍ରାମର ସନ୍ତୋଷ ଦାଶଙ୍କୁ ସୁପାରି ଦେଇଥିଲେ। ସେହି ଅନୁଯାୟୀ ସନ୍ତୋଷ ତାର ଗ୍ୟାଙ୍ଗ ଡକାଇ ଯୋଜନା କରିଥିଲେ। ଅନ୍ୟ ଏକ ଘଟଣାକ୍ରମରେ ଲୋକନାଥଙ୍କ ପୁଅ ଅନିଲ ଅନ୍ୟତମ ଅଭିଯୁକ୍ତ ତଥା ବରଗଡ ଜିଲା ପଦ୍ମପୁର ଗ୍ରାମର ନରେଶ ସାହୁଙ୍କ ସହ ମିଶି ୩ ବର୍ଷ ତଳେ ମହୁଲ ବେପାର ଚଳାଇଥିଲେ। କିନ୍ତୁ ପଇସା ଦେଣନେଣକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏହାକୁ ନେଇ ଫୋନରେ ଅନିଲଙ୍କୁ ଧମକ ମିଳୁଥିଲା। କୌଣସିମତେ ଏହା ଜାଣି ସୁପାରି ନେଇଥିବା ସନ୍ତୋଷ ନରେଶ ସାହୁଙ୍କ ସହ ଯୋଗାଯୋଗ କରି ତାଙ୍କୁ ହତ୍ୟା ଯୋଜନାରେ ସାମିଲ କରିଥିଲେ।

ଗୁରୁବାର ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ମାଷ୍ଟରମାଇଣ୍ଡ ବାସୁଦେବ ଓ ସନ୍ତୋଷ ରହିଛନ୍ତି। ଅନ୍ୟ ଦୁଇ ଅଭିଯୁକ୍ତ ହେଲେ ପାଟଣାଗଡ ରାମପାଲିର କରୁଣା ବାଗ (୨୩), ପାଟଣାଗଡ ବଡପଡାର ରାଜା ଓରଫ କୁଶଧ୍ୱଜ ମାଝି(୨୬)। ବୁଧବାର ପାଟଣାଗଡର ସୀତାରାମ ବିନ୍ଧାଣୀ (୩୦) ଓ ପାଟଣାଗଡ ଥାନା ଝୁଲେନବର ଗ୍ରାମର ରବି ଷାଣ୍ଡ (୨୬)ଙ୍କୁ ପୋଲିସ ଗିରଫ କରିଥିଲା। ଏ ଯାଏ ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରି ସାରିଲାଣି। ଅନ୍ୟତମ ଅଭିଯୁକ୍ତ ନରେଶ ସାହୁ(୨୫)ଙ୍କୁ ଗିରଫ କରିବା ପାଇଁ ପୋଲିସ ତନାଘନା ଚଳାଇଛି। ହତ୍ୟା ଯୋଜନା ୧ମାସ ପୂର୍ବରୁ କରାଯାଇଥିଲା ଏବଂ ଏଥିରେ ଦେଶୀ ବନ୍ଧୁକ ବ୍ୟବହାର କରାଯାଇଥିବାଆଇଆଇସିମୁଣ୍ଡାକହିଛନ୍ତି।

## ସିଡିପିଓଙ୍କୁ ରିପୋର୍ଟ ମାଗିଲେ ପଞ୍ଚାୟତ ସମିତି ଅଧକ୍ଷ

**ଅଙ୍ଗନୱାଡି କେନ୍ଦ୍ରରେ ଶୁଖିଲା ଖାଦ୍ୟ ବଣ୍ଟନରେ ଅନିୟମିତତା ଘଟଣା**

**ଦେଓଗାଁ,୩୧।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିଙ୍ଗାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଲଖନପୁର ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନରେ ଅନିୟମିତତା ଖବର ପ୍ରକାଶ ପରେ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଉକ୍ତ ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ ସିଡିପିଓ ସୁକାନ୍ତି ବେହେରାଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବାପାଇଁ କହିଛନ୍ତି। ପ୍ରକାଶ ଯେ, ଲଖନପୁର ଅଙ୍ଗନୱାଡି କେନ୍ଦ୍ରରେ ଦୁଇମାସ ହେଲା ପିଲାଙ୍କୁ ଶୁଖିଲା ଖାଦ୍ୟ ଦିଆଯାଇନଥିଲା । ଫେବୃଆରୀ ଓ ମାର୍ଚ୍ଚ ମାସର ଖାଦ୍ୟ ପିଲାଙ୍କୁ ବୁଧବାର ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଥିଲା। ସେଥିରେ ପୁଣି କମ୍ ପରିମାଣର ସମସ୍ତ ସାମଗ୍ରୀ ଦିଆଯାଇଥିଲା। ୪୦ଅଣ୍ଡା ପରିବର୍ତ୍ତେ ୨୦ଟି ଲେଖାଏ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ସେହିପରି ସାତ ମାସରୁ ତିନି ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଦୁଇ ମାସର ୨୪ ଅଣ୍ଡା ଦେବା ବଦଳରେ ୧୨ଟି ଦିଆଯାଇଥିବା ଅଭିଯୋଗ ହୋଇଛି। ଉକ୍ତ କେନ୍ଦ୍ରରେ ପୂର୍ବ ମାସ ମାନଙ୍କରେ ମଧ କମ୍ ଅଣ୍ଡା ପ୍ରଦାନ କରାଯାଇଥିବା ଶିଶୁଙ୍କ ଅଭିଭାବକମାନେ ଅଭିଯୋଗ କରିଛନ୍ତି ।

## ସୁସ୍ଥ ଗ୍ରାମପଞ୍ଚାୟତ ପୁରସ୍କାର ପାଇଲା ତଲିଉଡାର



ଜିଲାପାଳଙ୍କଠାରୁ ପୁରସ୍କାର ଗ୍ରହଣ କରିବା ଅବସରରେ ଆଶା, ସ୍ୱାସ୍ଥ୍ୟକର୍ମୀ।

**ଲୋଇସିଂହା,୩୧।୩(ଡି.ଏନ.ଏ.)**

ସୁସ୍ଥ ଗ୍ରାମପଞ୍ଚାୟତ ପୁରସ୍କାର ପାଇଛି ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ଗ୍ରାମପଞ୍ଚାୟତ। ସେହିପରି ପଞ୍ଚାୟତ ଅଧୀନ ବୁରୋମୁଣ୍ଡା ଗାଁ କଲ୍ୟାଣ ସମିତି ସର୍ବୋତ୍କୃଷ୍ଟ ସମିତିଭାବେ ବୁଧବାର ଜିଲା ପ୍ରଶାସନଠାରୁ ପୁରସ୍କୃତ ହୋଇଛି। ବଲାଙ୍ଗୀରର ଏକ ହୋଟେଲରେ ଆଶାକର୍ମୀ, ଗାଁ କଲ୍ୟାଣ ସମିତି ଓ ଆରୋଗ୍ୟ ସମିତିର ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଚଞ୍ଚଳ ରାଣା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟ ଅତିଥିଙ୍କଠାରୁ ତଲିଉଡାର ସରପଞ୍ଚ ଗୀତାଞ୍ଜଳି ଦାସ୍, ପିଇଓ ଭିକାରୀ କର୍ମୀ ସୁସ୍ଥ ଗ୍ରାମପଞ୍ଚାୟତ ପ୍ରମାଣ ପତ୍ର ଗ୍ରହଣ କରିଥିଲେ । ସେହିପରି ବୁରୋମୁଣ୍ଡା ଗାଁର ଆଶାକର୍ମୀ ଜୟନ୍ତୀ ପୁଟେଲ ଓ ନିରୁପମା ଗଡତ୍ୟା, ମହିଳା ସ୍ୱାସ୍ଥ୍ୟକର୍ମୀ ଜୟକୁମାରୀ ଷଡଙ୍ଗୀ, ୱାର୍ଡସଭ୍ୟା ସୀତା ତୁମଲିଆ ଜିଲାପାଳଙ୍କଠାରୁ ସର୍ବୋତ୍କୃଷ୍ଟ ଗାଁ କଲ୍ୟାଣ ସମିତି ପ୍ରମାଣପତ୍ର ଗ୍ରହଣ କରିଥିଲେ ।

## ବୁଢ଼ାରଜା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଲୋଇସିଂହା,୩୧।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତ ଅନ୍ତର୍ଗତ ସୁଜିଆ ଗ୍ରାମର ଶୈବପୀଠ ପରିସରରେ ନବନିର୍ମିତ ବୁଢାରଜା ମନ୍ଦିର ପ୍ରତିଷ୍ଠା ସମାରୋହ ଗୁରୁବାର ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ନାମଯଜ୍ଞ, ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୁଜିଆ, ଲୋଇସିଂହା ଓ ଜଡମୁଣ୍ଡା ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ସହାୟତାରେ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ତନୁଜ ସାହୁ, ଗଣେଶ ସାହୁ, ଗୋପାଳ ପଧାନ, ଭୋଳାନାଥ ମିର୍ଦ୍ଧା, କାହ୍ନୁ ପଧାନ, ବାଳାମଣି ବାଗ, ଜୀବର୍ଦ୍ଧନ ଛତ୍ରିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜଙ୍ଗଲ ନିଆଁ ରୋକିବାକୁ ସଚେତନତା




ଜଙ୍ଗଲ ନିଆଁ ରୋକିବା ପାଇଁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ।

**ଦେଓଗାଁ,୩୧।୩(ଡି.ଏନ.ଏ.)**

ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ତରଫରୁ ପଥପ୍ରାନ୍ତ ନାଟକ ଓ ନୃତ୍ୟ ମାଧ୍ୟମରେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦେଓଗାଁ, କୁଡାସିଂହା ଓ ଗୁଡଭେଲା ସେକ୍ସନର ବିଭିନ୍ନ ଗାଁରେ ଏହିପରି କାର୍ଯ୍ୟକ୍ରମ କରାଯାଇ ଲୋକଙ୍କୁ ସଚେତନ କରାଯାଇଛି। ଏହି ଅବସରରେ ତୁଷୁରା କୃଷ୍ଣପ୍ରିୟା କଳାପରିଷଦର ପୂର୍ଣ୍ଣଚନ୍ଦ୍ର ଛତ୍ରିଆ ଓ ପ୍ରିୟବ୍ରତ ଛତ୍ରିଆ ଓ ସାଥୀଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦେଓଗାଁ ବନାଞ୍ଚଳ ଅଧିକାରୀ ଆଲୋକ କୁମାର ମାଝି ଉପସ୍ଥିତ ଥିଲେ। ଦେଓଗାଁ ରେଞ୍ଜ ପକ୍ଷରୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ଏକ ଦଶଜଣିଆ ନିଆଁଲିଭା ସ୍କ୍ୱାଡ୍ ଏବଂ ଏକ ଗାଡି ନିୟୋଜିତ କରାଯାଇଛି। ଏଥିସହ ରେଞ୍ଜ୍‌ରେ ଦଶଜଣ ପାରା ସ୍କ୍ୱାଡ୍ ୧୩ଟି ନିଆଁଲିଭା ଯନ୍ତ୍ର ସହ ନିଆଁକୁ ଆୟତ୍ତ କରିବା ପାଇଁ କାର୍ଯ୍ୟ କରୁଥିବା ସୂଚନା ଦିଆଯାଇଥିଲା। ଏହି ଅବସରରେ ବନପାଳ ମଧୁସୂଦନ ଚାନ୍ଦ, ପିଙ୍କୁ ଭୋଇ, ବନରକ୍ଷୀ ବିପିନ ବିହାରୀ ଭୋଇ, ପ୍ରଶାନ୍ତ ବେହେରା ତଥା ପାରା ଫରେଷ୍ଟ ସ୍କ୍ୱାଡ୍, ନିଆଁଲିଭା ଜଗୁଆଳି ଓ ଆମ ଜଙ୍ଗଲ ଯୋଜନାରେ ନିୟୋଜିତ କର୍ମଚାରୀ ଉପସ୍ଥିତ ଥିଲେ ।

# ନିଖୋଜର ୪ ଦିନ ପରେ ମୃତଦେହ ଠାବ

**ପୋଟଳ କିଆରିରୁ ନିଖୋଜ ହୋଇଯାଇଥିଲେ**

**ପାଟଣାଗଡ,୩୧।୩ (ଡି.ଏନ୍.ଏ.)**

ନିଖୋଜର ୪ଦିନ ପରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଗୁରୁବାର ଜବତ ହୋଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତଦେହକୁ ଏକ ନାଳାରେ ପୋତା ଯାଇଥିବାରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରି ତଦନ୍ତ ଆରମ୍ଭ କରିଛି।

ବଲାଙ୍ଗୀର ଜିଲା ଲରମ୍ଭା ଥାନା ଅଧିନ ତମିଆଁ ଗ୍ରାମର ବିଘ୍ନରାଜ ପୁଟେଲ ଗତ ସୋମବାରଠାରୁ ନିଖୋଜ ଥିଲେ। ଏନେଇ ଲରମ୍ଭା ଥାନାରେ ମଙ୍ଗଳବାର ତାଙ୍କ ସ୍ତ୍ରୀ ଆରତୀ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ବୁଧବାର ଖୋଜାଖୋଜି କରିଥିଲେ ମଧ କିଛି ଖବର ମିଳି ନ ଥିଲା। ଗୁରୁବାର ସକାଳୁ ବିଘ୍ନରାଜଙ୍କ ବିଲ ନିକଟସ୍ଥ ଅଡକ ନାଳାଠାରେ ପୋତା ଯାଇଥିବା ଏବଂ ମୃତଦେହର କିଛି ଅଂଶ ଦେଖାଯାଉଥିବା ଲୋକେ ଦେଖିବାକୁ ପାଇଥିଲେ। ଏନେଇ ଲରମ୍ଭା ଥାନା ପୋଲିସକୁ ଖବର ଦିଆଯାଇଥିଲା। ପାଟଣାଗଡ ଏସଡିପିଓ ଜ୍ୟୋତିର୍ମୟ ଭୁକ୍ତା, ଲରମ୍ଭା ଥାନାଧିକାରୀ ରାଜିନ୍ଦ୍ର ବେହେରା ଓ ମାଜିଷ୍ଟ୍ରେଟ୍ କ୍ଷୀରୋଦ୍ର ସାହୁଙ୍କ ଉପସ୍ଥିତିରେ ପୋତାଯାଇଥିବା ମୃତଦେହକୁ ବାହାର କରାଯାଇଥିଲା। ମୃତଦେହ ଗଳିତ ହୋଇଯିବା ସତ୍ତ୍ୱେ ଏହା ନିଖୋଜ ବିଘ୍ନରାଜଙ୍କ ବୋଲି ଜଣାପଡିଥିଲା। ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା। ମୃତଙ୍କ ପୁତୁରା ରତନ ପୁଟେଲ ଥାନାରେ ତାଙ୍କ କାକା ବିଘ୍ନରାଜଙ୍କୁ କେହି ହତ୍ୟା କରିବା ପରେ ପୋତି ଦେଇଥିବା ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି। ପୋଲିସ ଏନେଇ ଦଫା ୩୦୨/ ୨୦୧ରେ ଏକ ମାମଲା (୨୯/୨୧)ରୁଜୁ କରି ତଦନ୍ତ ଜାରି ରଖିଛି। ଏନେଇ ଉପଖଣ୍ଡ ପୋଲିସ ଅଧିକାରୀ ଭୁକ୍ତାଙ୍କ ପ୍ରତିକ୍ରିୟା ନେବାରୁ ବିଘ୍ନରାଜଙ୍କୁ ହତ୍ୟା କରାଯାଇଛି ଓ ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଜଣାଇଛନ୍ତି। ଗତ ସୋମବାର ବିଘ୍ନରାଜ ଓ ତାଙ୍କ ସ୍ତ୍ରୀ ଆରତୀ ନିଜ ଚାଷଜମିରେ ଥିଲେ। ଅପରାହ୍ନ ପ୍ରାୟ ୩ଟାରେ ଆରତୀ ଘରକୁ ଫେରିଥିଲେ ମଧ ରାତ୍ର ୧୦ଟା ସୁଦ୍ଧା ବିଘ୍ନରାଜ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଚାଷଜମି ନିକଟକୁ ଯାଇ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟରେ ପାନୀୟ ଜଳ ସମସ୍ୟା

**ଲାଠୋର, ୩୧।୩(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ କାର୍ଯ୍ୟାଳୟରେ ଗତ ଚାରି ମାସ ହେବ ପାନୀୟ ଜଳର ସମସ୍ୟା ଲାଗି ରହିଛି। ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଗଭୀର ନଳକୂପ ଖୋଳି ମୋଟର ଯୋଗେ ଜଳ ଯୋଗାଣ ହେଉଥିଲା। ଚାରି ମାସ ପୂର୍ବେ କେହି ପାଣି ମୋଟର ଚୋରି କରି ନେଲା ପରେ ଏହି ସମସ୍ୟା ସୃଷ୍ଟି ହୋଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ବିଭିନ୍ନ ପ୍ରକାର ସରକାରୀ ବେସରକାରୀ କାର୍ଯ୍ୟକ୍ରମ ହେଲେ କିମ୍ବା ସାଧାରଣ ଲୋକ କୌଣସି କାମରେ ଆସିଲେ ପାଣି ପାଇଁ ହଇରାଣ ହେଉଛନ୍ତି। ସରପଞ୍ଚ ଜପସ୍ୱିନ ସାହୁଙ୍କୁ ପଚାରିବାରୁ ଯଥାଶୀଘ୍ର ମୋଟର ଲାଗଇ ପାନୀୟ ଜଳ ବ୍ୟବସ୍ଥାକୁ ସ୍ୱାଭାବିକ କରିବୁ ବୋଲି କହିଛନ୍ତି।

# କିଡ୍‌ନୀ ରୋଗରେ ଆକ୍ରାନ୍ତ ଦାଶକାଠିଆ ଗୁରୁ ଇନ୍ଦ୍ରମଣି

**କର୍ଲାମୁଣ୍ଡା,୩୧।୩(ଡି.ଏନ.ଏ.)**



ଦାଶକାଠିଆ ଗୁରୁ ଇନ୍ଦ୍ରମଣି ଭୋଇ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜପୁର ଗ୍ରାମରେ ରହୁନ୍ତି ସୁନାମଧନ୍ୟ କଳାକାର ତଥା ଦାଶକାଠିଆ ଗୁରୁ ଇନ୍ଦ୍ରମଣି ଭୋଇ (୭୦)। ସେ ଏବେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଦୀର୍ଘ ୫୦ ବର୍ଷ ଧରି ଜନ ସଚେତନତା ସୃଷ୍ଟି ପାଇଁ ଦାଶକାଠିଆ ଜରିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ପରିବାର ଚଳାଇଥିଲେ। ସେ ଜନଶିକ୍ଷା ଦାଶ କାଠିଆ ପାର୍ଟି ଗଠନ କରି ରାଜ୍ୟ ତଥା ରାଜ୍ୟ ବାହାରେ ଦାଶ କାଠିଆ ପରିବେଷଣ କରି ଅନେକ ପ୍ରଂଶସା ପାତ୍ର ହୋଇଛନ୍ତି। ତାଙ୍କ ପରିବାରରେ ଝିଅ ଓ ସ୍ତ୍ରୀ ଅଛନ୍ତି। ଧାର କରଜ ହୋଇ ଚିକିତ୍ସିତ ହେଉଥିଲେ ହେଁ ରୋଗ କମିବାର ନା ଧରୁନି। ସରକାରୀ ସହାୟତା ଭାବେ କଳାକାର ଭତ୍ତା ମାସିକ ୧୨୦୦ ଟଙ୍କା ଓ ରାଶନ କାର୍ଡରୁ ମାସିକ ୧୫ କେଜି ଚାଉଳ ମିଳୁଛି। ଏଥିରେ ୩ ପ୍ରାଣୀ ଚଳିବା ଓ ଇନ୍ଦ୍ରମଣିଙ୍କ ଔଷଧ କିଣିବା ସମ୍ଭପର ହେଉ ନ ଥିବା ଇନ୍ଦ୍ରମଣି କହିଛନ୍ତି। ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଲାଠୋର ହାଟରେ ବଢୁଛି ମୋବାଇଲ ଚୋରି

**ଲାଠୋର, ୩୧।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ହାଟରୁ ମୋବାଇଲ ଫୋନ ଚୋରି ବଢିବାରେ ଲାଗିଛି। ସପ୍ତାହର ରବିବାର ଓ ବୁଧବାର ଦୁଇଦିନ ହାଟ ବସିଥାଏ। ବଡ଼ ହାଟ ହୋଇଥିବା ହେତୁ ଲାଠୋର ତଥା ଆଖପାଖ ଗାଁମାନଙ୍କରୁ ବହୁ ସଂଖ୍ୟାରେ ଲୋକେ ଏଠାକୁ ଆସିଥାନ୍ତି। ଭିଡ଼ର ସୁଯୋଗ ନେଇ ଚୋରମାନେ ଲୋକଙ୍କର ମୋବାଇଲ ଫୋନକୁ ଟାର୍ଗେଟ କରି ଚୋରି କରୁଛନ୍ତି। ଗ୍ରାମକୁ ରେଳ ଯୋଗାଯୋଗ ଥିବାରୁ ବାହାରୁ ଚୋରଗ୍ୟାଙ୍ଗ ଏଠାକୁ ଆସି ଅତି ଚତୁରତାର ସହ ଚୋରି କରୁଛନ୍ତି। ଲାଠୋର ପୋଲିସ ମୋବାଇଲ ଚୋରିକୁ ରୋକ ଲଗାଇବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଏକଲବ୍ୟ ମଡେଲ ସ୍କୁଲରେ ଭଙ୍ଗାରୁଜା, ଚୋରି ଅଭିଯୋଗ

**ଲାଞ୍ଜିଗଡ଼,୩୧।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ନିକଟ ଧଅଁରାଭଟା ଏକଲବ୍ୟ ମଡେଲ ସ୍କୁଲରେ ଭଙ୍ଗାରୁଜା ଓ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଏକଲବ୍ୟ ମଡେଲ ସ୍କୁଲରେ ଏବର୍ଷ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ମଧ ଶେଷ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସ୍କୁଲ କର୍ତ୍ତୃପକ୍ଷ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ସ୍କୁଲର ବାଳକ ଛାତ୍ରାବାସ ଗାଧୁଆ ଘରେ ଲାଗିଥିବା ୱାସ ବେସିନ ଭଙ୍ଗାରୁଜା କରିବା ସହିତ ସେଠାରେ ଲାଗିଥିବା ପାଣି ଟ୍ୟାପ୍ ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତ। ଏ ସମ୍ପର୍କରେ ସ୍କୁଲ ପରିସରରେ ଥିବା ତିନିଜଣ ରୋଷେୟା କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ବିଶ୍ୱନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ ଦୁର୍ବୃତ୍ତମାନେ ସ୍କୁଲ ପାଚେରି ଡେଇଁ ପରିସର ଭଙ୍ଗାରୁଜା କରିଥିବାବେଳେ ଏଥର ମଧ ସମାନ ଢଙ୍ଗରେ ସ୍କୁଲ ପରିସରରେ ଉତ୍ପାତ କରିଛନ୍ତି। ପୋଲିସ ପକ୍ଷରୁ ତଦନ୍ତ କରାଯାଇ ତୁରନ୍ତ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

# ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ଜଳିଗଲା ୫ ଦୋକାନ

**ଭବାନୀପାଟଣା,୩୧।୩(ସ୍ୱ.ପ୍ର.)**



କ୍ଷତିପୂରଣ ଦାବିରେ ଲୋକଙ୍କ ରାସ୍ତାରୋକୋ।

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

କଳାହାଣ୍ଡି ଜିଲା ଭବାନୀପାଟଣା ସହର ନକଟିଗୁଡାଛକ ନିକଟରେ ଗୁରୁବାର ପ୍ରତ୍ୟୁଷରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଟ୍ରାନ୍ସଫର୍ମରର ୧୧ କେଭି ଓ ଏଲ୍‌ଟି କେବୁଲ ବିଦ୍ୟୁତ୍ ତାର ହଠାତ୍ ଛିଣ୍ଡି ପଡିବାରୁ ତଳେ ଥିବା ୫ଟି ପରିବା ଦୋକାନରେ ନିଆଁ ଲାଗି ଜଳି ନଷ୍ଟ ହୋଇଯାଇଛି। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ନିଆଁର ପ୍ରଖର ଯୋଗୁ ଉପରୋକ୍ତ ଦୋକାନଗୁଡିକ ଜଳିଯାଇଥିଲା। କ୍ଷତିପୂରଣ ଦାବି ନେଇ ସକାଳ ୬ଟା ୩୦ରୁ ୭ଟା ୩୦ଟା ଯାଏ ସ୍ଥାନୀୟ ଦୋକାନୀ ମାଲିକ ଓ ପରିବାରବର୍ଗ ନକଟିଗୁଡାଛକ ନିକଟ ୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଟାଉନ ପୋଲିସ, ସ୍ଥାନୀୟ ପ୍ରଶାସନ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଇବା ସହ କ୍ଷତିପୂରଣ ଦେବା ପ୍ରତିଶୃତିଦେବା ପରେ ରାସ୍ତାରୋକୋ ହଟିଥିଲା। ଅନ୍ୟପଟେ ବିଦ୍ୟୁତ୍ ତାର ଛିଣ୍ଡିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଦୀର୍ଘ ୭ ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ମଧ୍ୟାହ୍ନରେ ସ୍ଥାନୀୟ ବିଦ୍ୟୁତ ବିଭାଗ ପକ୍ଷରୁ ମରାମତି କରାଯିବା ପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା।

## ବନ୍ଦେ ଉତ୍କଳ ଜନନୀକୁ ବିରୋଧ

ବରଗଡ଼ ଅଫିସ୍: ବରଗଡ଼ରେ ଶୁକ୍ରବାର ଓଡ଼ିଶା ଦିବସ ତଥା ଜିଲା ପ୍ରତିଷ୍ଠା ଦିବସ ପାଳନ କରାଯିବା କାର୍ଯ୍ୟକ୍ରମ ରହିଛି। ଏହି ଦିବସ ପାଳନରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା କାର୍ଯ୍ୟକ୍ରମ ମଧ୍ୟ ରହିଛି। ଏହାକୁ କୋସଲ ରାଜ୍ୟ ସମନ୍ୱୟ ସମିତି ବିରୋଧ କରିଛି। ଉକ୍ତ କାର୍ଯ୍ୟକ୍ରମରେ ବନ୍ଦେ ଉତ୍କଳ ଜନନୀ ଗାନ ବାତିଲ କରାଯିବାକୁ ଦାବି ହୋଇଛି। ଏହି କ୍ରମରେ ଗୁରୁବାର ସମିତି ପକ୍ଷରୁ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଡେପୁଟି କଲେକ୍ଟର ସୁମତୀ ପଣ୍ଡା ସ୍ମାରକପତ୍ର ଗ୍ରହଣ କରିଥିଲେ। ସମିତିର ସୁନୀଲ କୁମାର ପୁରୋହିତ, ସୁରେନ୍ଦ୍ର ସୁରେନ୍ଦ୍ର କୁମାର ପଣ୍ଡା, ଅବନୀକାନ୍ତ ପଣ୍ଡା, ସୁରସେନ ବହିଦାର, ଦୀପକ କୁମାର ରଥ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଜଳସେଚନ, ପର୍ଯ୍ୟଟନ ଭିତ୍ତିଭୂମି ଅସଜଡ଼ା

### ସୁବର୍ଣ୍ଣପୁର ଜିଲା ଗଠନର ୨୯ ବର୍ଷ ବିତିଲା

ସୋନପୁର,୩୧।୩(ନି.ପ୍ର.)

୧୯୯୩ ମସିହା ଏପ୍ରିଲ ୧ ତାରିଖରେ ବଲାଙ୍ଗୀରଠାରୁ ଅଲଗା ହୋଇ ସୁବର୍ଣ୍ଣପୁର ନୂତନ ଜିଲାର ମାନ୍ୟତା ପାଇଥିଲା। ଲୋକେ ଅନେକ ଆଶା ରଖିଥିଲେ। ତେବେ ଜିଲା ଗଠନର ଦୀର୍ଘ ବର୍ଷ ପରେ ଆଖିଦୃଶିଆ ବିକାଶ ହୋଇପାରିନି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ଏହି ଜିଲା ପଛରେ ପଡିଛି। ସମ୍ଭାବନା ଥିଲେ ମଧ ଲୋକ ପ୍ରତିନିଧି ଓ ଜିଲାର ବରିଷ୍ଠ ଅଧିକାରୀଙ୍କ ଅପରିଣାମଦର୍ଶିତା ପାଇଁ ଯୋଜନାବଦ୍ଧ ବିକାଶ ହୋଇନି। ଜିଲା ଗଠନର ୨୯ ବର୍ଷ ପରେ ବି ଜିଲାରେ ଜଳସେଚନ ଓ ପର୍ଯ୍ୟଟନ ଭିତ୍ତିଭୂମି ଅସଜଡା ହୋଇପଡିଛି। ପର୍ଯ୍ୟଟନସ୍ଥଳୀଗୁଡିକରେ ସୁବିଧା କମ୍ ଅସୁବିଧା ବେଶୀ ରହିଛି। ଏଥିପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁନାହିଁ।

ଜିଲାରେ ମହାନଦୀ, ତେଲନଦୀ, ଅଙ୍ଗନଦୀ, ସୁକତେଲ ନଦୀ ଓ ନିବୃତ୍ତି ଯୋର ଭଳି ଛୋଟ ବଡ ନଦୀ ରହିଛି। ଠେଙ୍ଗୋ ଡ୍ୟାମ ଭଳି ମଧମ ଜଳସେଚନ ପ୍ରକଳ୍ପ ଅଛି। ମାତ୍ର ଜଳସେଚନର ସୁବିଧା ହୋଇପାରିନି। ମହାନଦୀ କୂଳରେ ମେଗା ଉଠା ଜଳସେଚନ ପ୍ରକଳ୍ପଗୁଡିକର ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଜଳ ସଂରକ୍ଷଣ କରି ରଖିବା ପାଇଁ ମହାନଦୀର ଖଇରମାଳ ଓ ଗୋଧନେଶ୍ୱରରେ ବ୍ୟାରେଜ୍ ନିର୍ମାଣ କରିବାକୁ ରାଜ୍ୟ ସରକାର ୫ ବର୍ଷ ତଳୁ ଘୋଷଣା କରିଥିଲା ବେଳେ ତାହା ଶୀତଳ ଭଣ୍ଡାରରେ ପଡିରହିଛି। ଛୋଟ ବ୍ୟାରେଜ୍ ନିର୍ମାଣ ହେଲେ ମହାନଦୀ ଓ ତେଲନଦୀରେ ବର୍ଷ ସାରା ଜଳ ସଂରକ୍ଷଣ ହୋଇ ରୁହନ୍ତା। ଜଳ ପର୍ଯ୍ୟଟନର ବିକାଶ ସହିତ ଲୋକେ କୃଷି ଓ ମତ୍ସ୍ୟ ଚାଷ କରି ଆତ୍ମନିର୍ଭରଶୀଳ ହୋଇ ପାରନ୍ତେ। ସୋନପୁର ସହରର ଦ୍ରୁତ ବିକାଶ ସହିତ ସହରବାସୀଙ୍କୁ ପ୍ରଚଣ୍ଡ ଗ୍ରୀଷ୍ମରୁ ଆଶ୍ୱସ୍ତି ମିଳନ୍ତା। ସେହିପରି ସୋନପୁର ସହରକୁ ବନ୍ୟାରୁ ସୁରକ୍ଷା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ରିଂ ରୋଡ ନିର୍ମାଣ କାର୍ଯ୍ୟ ଦଶନ୍ଧି ଧରି ଚାଲିଛି, ମାତ୍ର ତାହା ସମ୍ପୂର୍ଣ୍ଣ ହେଉନି। ଜମି ଅଧିଗ୍ରହଣରେ ସମସ୍ୟା ପାଇଁ ସହରର ମହାନଦୀ ବ୍ରିଜ୍‌ରୁ କୁଞ୍ଜ ଛକ ପର୍ଯ୍ୟନ୍ତ ୪ ଥାକିଆ ରାସ୍ତା ନିର୍ମାଣ ଅଧାରେ ଅଟକିଛି। ସୋନପୁର ବ୍ଲକର ୭ଟି ପଞ୍ଚାୟତର ଚାଷ ଜମିକୁ ଜଳସେଚନ କରିବା ପାଇଁ ଅଙ୍ଗ କେନାଲ ସମ୍ପ୍ରସାରଣ ଯୋଜନା ଆରମ୍ଭ ହୋଇଥିଲା। ୩ ଦଶନ୍ଧି ଧରି ଏହି କାର୍ଯ୍ୟ ଚାଲିଥିଲା ବେଳେ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ତାହା ସମ୍ପୂର୍ଣ୍ଣ ହୋଇପାରୁନି। ସୋନପୁର ରାଜପ୍ରାସାଦ ସମେତ ପୁରାତନ ମଠ ମନ୍ଦିରଗୁଡିକର ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉନି। ଉଲୁଣ୍ଡା ବ୍ଲକର କୋଟସମଲାଇସ୍ଥିତ ଛଲିଆ ପାହାଡରେ ଜଗତରନାଥ ଜଗନ୍ନାଥ ୧୪୪ ବର୍ଷ ଧରି ପାତାଳି ହୋଇଥିଲେ। ଶ୍ରୀଜଗନ୍ନାଥଙ୍କ ଏହି ଲୀଳା କ୍ଷେତ୍ରରେ ଭବ୍ୟ ମନ୍ଦିରଟିଏ ନିର୍ମାଣ ହୋଇପାରିନି। ଶ୍ରଦ୍ଧାଳୁଙ୍କ ଯାତାୟାତର ସୁବିଧା ପାଇଁ ୫ ବର୍ଷ ପୂର୍ବରୁ ରୋପ ୱେ ନିର୍ମାଣ ସକାଶେ ଶିଳାନ୍ୟାସ ଦିଆଯାଇଛି। ମାତ୍ର କାମ ଆରମ୍ଭ ହୋଇପାରିନି। ସହରର ଅଷ୍ଟଚଣ୍ଡୀ ଓ ଅଷ୍ଟବିଷ୍ଣୁଙ୍କ ମନ୍ଦିରର ସୁରକ୍ଷା ତଥା ଜିଲାର ପର୍ଯ୍ୟଟନସ୍ଥଳୀ କୋଶଳେଶ୍ୱର ମନ୍ଦିର, ପୂଜା ଡୁଙ୍ଗୁରି, ପାପକ୍ଷୟଘାଟ, ଖଲିଆପାଲିସ୍ଥିତ ସନ୍ଥକବି ଭୀମଭୋଇଙ୍କ ସମାଧି ପୀଠର ବିକାଶ ହୋଇପାରିନାହିଁ। ଅନ୍ୟପକ୍ଷେ ଜିଲାର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ତେଣୁ ବିକାଶକୁ ନେଇ ଜିଲାବାସୀ ସନ୍ତୁଷ୍ଟ ନାହାନ୍ତି। ଏ ସମ୍ପର୍କରେ ଜିଲା ସଚେତନ ନାଗରିକ ମଞ୍ଚର ସଭାପତି ସିତାଂଶୁ ଶେଖର ମିଶ୍ର କୁହନ୍ତି ସୁବର୍ଣ୍ଣପୁର ଜିଲାକୁ ପ୍ରକୃତି ଅନେକ କିଛି ଦେଇଛି। ଏଠାରେ ଜଳସେଚନ, ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଓ ଐତିହ୍ୟଗୁଡିକର ସୁରକ୍ଷା ପାଇଁ ଅପୂର୍ବ ସମ୍ଭାବନା ରହିଛି। ରାଜ୍ୟ ଓ କେନ୍ଦ୍ର ସରକାର ଏ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ। ଅନ୍ୟପକ୍ଷେ ଅଧାପନ୍ତରିଆ ହୋଇ ପଡି ରହିଥିବା ପ୍ରକଳ୍ପଗୁଡିକ ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ ହେଲେ ସାମଗ୍ରିକ ବିକାଶ ହୋଇପାରନ୍ତା ବୋଲି କହିଥିଲେ।



ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ।

## ସଂକ୍ଷେପରେ

### କାର୍ଯ୍ୟ ଆରମ୍ଭ କଲେ ବିଜେଡି କାଉନ୍‌ସିଲର

ଜୁନାଗଡ,୩୧।୩(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ଏନ୍‌ଏସି ନିର୍ବାଚନରେ ଏଥର ୧୨ଟି ୱାର୍ଡରେ ୧୦ଟିରେ ବିଜେଡି କାଉନସିଲର ବିଜୟୀ ହୋଇଥିବାବେଳେ ୨ଟିରେ ଭାଜପାକୁ ସନ୍ତୁଷ୍ଟ ହେବାକୁ ପଡିଛି। ସେହିପରି ଭାଜପା ପ୍ରାର୍ଥୀ ମୁକେଶ ଅଗ୍ରୱାଲ ଏନ୍‌ଏସି ଅଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏପରିସ୍ଥଳେ ନବନିର୍ବାଚିତ ଅଧକ୍ଷ ଅଗ୍ରୱାଲ ବୁଧବାର ସ୍ଥାନୀୟ ଏନ୍‌ଏସିରେ ଦାୟିତ୍ୱ ଗ୍ରହଣ ସମାରୋହ କରିଥିବାବେଳେ ଏଥିରେ ବିଜେଡିର ୧୦ କାଉନସିଲର ଅନୁପସ୍ଥିତ ରହିଥିଲେ। ସେମାନେ ଜୁନାଗଡର ଅଧିଷ୍ଠାତ୍ରୀ ଦେବୀ ମା’ ଲଙ୍କେଶ୍ୱରୀଙ୍କ ଦର୍ଶନ କରି ନିଜ କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଥିଲା। ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଆହ୍ୱାନରେ ଜୁନାଗଡ ସହରର ପ୍ରତ୍ୟେକ ୱାର୍ଡରେ ଯେମିତି ବିକାଶମୂଳକ କାର୍ଯ୍ୟ ହେବ ସେ ନେଇ ଉଦ୍ୟମ କରିବୁ ବୋଲି ନବନିର୍ବାଚିତ ବିଜେଡି କାଉନସିଲରମାନେ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏଥିସହ ତାଙ୍କର ଏହି ବିଜୟ ପାଇଁ ସେମାନେ ଜୁନାଗବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କଲେ ବ୍ଲକ ଅଧ୍ୟକ୍ଷ

ଗୋଲାମୁଣ୍ଡା,୩୧।୩(ଡି.ଏନ.ଏ.): କୋଭିଡ୍ କଟକଣା କୋହଳ ପରେ ଇତିମଧ୍ୟରେ ସ୍କୁଲ ଓ କଲେଜରେ ପାଠପଢା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨ ତାରିଖରୁ ସକାଳୁଆ ସ୍କୁଲ ହେବାକୁ ଥିବାବେଳେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପିଇବା ପାଣି, ଶୌଚାଳୟ ତଥା ଅନ୍ୟାନ୍ୟ ସମସ୍ୟା ରହିଛି। ଏ ସବୁ ସମସ୍ୟା ନେଇ ଅଭିଭାବକମାନେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କଠାରେ ଅଭିଯୋଗ କରିଥିଲେ। ଅଭିଭାବକଙ୍କ ଅଭିଯୋଗ ପରେ ତୁରନ୍ତ ବ୍ଲକ ଅଧକ୍ଷ ସ୍କୁଲ ପରିଦର୍ଶନ କରି ସମସ୍ୟା ଦେଖିଥିଲେ। ସବୁ ସମସ୍ୟା ସମାଧାନ କରିବା ପାଇଁ ତୁରନ୍ତ ବିଡିଓ ଏବଂ ଜଳ ବିଭାଜୀକା କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ କରି ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ ସମୟରେ ଖଲିଆପାଲି ସରପଞ୍ଚ ଜିମୁତ ବାହାନ ହରପାଲ, ମାନଝରୀ ସରପଞ୍ଚ ଜଗଜିବନ ଅଘ୍ରିଆ, ଖଲିଆକାନି ସମିତି ସଭ୍ୟା ପ୍ରତିନିଧି ମହେନ୍ଦ୍ର ମଙ୍ଗରାଜ ଓ ଅଭିଭାବକମାନେ ଉପସ୍ଥିତ ରହିଥିଲେ। ହଠାତ ବ୍ଲକ ଅଧକ୍ଷ ଗସ୍ତ କରି ତାଗିଦ କରିବା ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

### ସରପଞ୍ଚ ସଂଘ ଗଠିତ

ଉଲୁଣ୍ଡା,୩୧।୩(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପୋଡ଼ଟିକିରାଠାରେ ବୁଧବାର ନବନିର୍ବାଚିତ ସରପଞ୍ଚମାନଙ୍କୁ ନେଇ ସରପଞ୍ଚ ସଂଘ ଗଠିତ ହୋଇଛି। ଯଶୋବନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଂଘର ବୈଠକରେ ବ୍ଲକ ଅଧକ୍ଷା ଶାନ୍ତିଲତା ମିଶ୍ର, ଉପାଧକ୍ଷ ସଂଜୀବ କୁମାର ଦେହୁରୀ, ଜୋନ- ୨ ଜିଲା ପରିଷଦ ସଭ୍ୟ ଝସକେତନ ବଘାର ଅତିଥି ଭାବରେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଅଞ୍ଚଳର ବିକାଶ ପାଇଁ ସମସ୍ତେ ଦୃଷ୍ଟି ଦେବା ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ସରପଞ୍ଚ ସଂଘର ନୂତନ କର୍ମକର୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଅଶୋକ କୁମାର ପଣ୍ଡା, ଉପସଭାପତି ରଞ୍ଜିତା ଭୋଇ ଓ କିଷାନ ଜଗଦଲା, ସମ୍ପାଦକ ଯଶୋବନ୍ତ ପଣ୍ଡା, ଯୁଗ୍ମ ସମ୍ପାଦକ ନିବେଦିତା ମିଶ୍ର ଓ ଦେବଦତ୍ତ ପର୍ଡିଆ ଏବଂ କୋଷାଧକ୍ଷ ଭାବରେ ସନାତନ ମହାଲିଙ୍ଗ ମନୋନୀତ ହୋଇଛନ୍ତି। ସଭ୍ୟାସଭ୍ୟ ଭାବରେ ଦୈତାରୀ ବେହେରା, ପ୍ରିୟଙ୍କା ପ୍ରିୟଦର୍ଶନୀ ପାଢ଼ୀଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ରହିଛନ୍ତି।

### ବରପାଲି କଲେଜରେ କ୍ୟାରିୟର କାଉନସେଲିଂ

ବରପାଲି,୩୧।୩(ଡି.ଏନ.ଏ): ବରପାଲି କଲେଜରେ ବୁଧବାର ସେନା ନିଯୁକ୍ତି ଶୀର୍ଷକ କ୍ୟାରିୟର କାଉନସେଲିଂ ଅନୁଷ୍ଠିତ ହୋଇଯାଇଛି। କାଉନସେଲିଂ ସେଲ୍‌ର ସଂଯୋଜକ ତଥା ଅର୍ଥନୀତି ବିଭାଗର ମୁଖ୍ୟ ଭକ୍ତବନ୍ଧୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ଡଃ ସୀମାଞ୍ଚଳ ପ୍ରଧାନ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ସେନା ବାହିନୀରେ ନିଯୁକ୍ତି ପାଇବାକୁ ହେଲେ ଉଭୟ ଶିକ୍ଷାଗତ ଏବଂ ଶାରୀରିକ ଯୋଗ୍ୟତା ଉପରେ ଆଲୋକପାତ କରିଥିଲେ। କଲେଜ ଅଧ୍ୟକ୍ଷା ସୌଦାମିନୀ ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଏଥିରେ କଲେଜର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଂଯୋଜକ ଗଣେଶ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଗଛରେ ପିଟି ହେଲା ଟ୍ରକ: ଜଣେ ମୃତ

ବାଉଁଶୁଣୀ,୩୧।୩(ଡି.ଏନ.ଏ.)

ଗୁରୁବାର ମଧ୍ୟାହ୍ନରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ୫୭ନଂ ଜାତୀୟ ରାଜପଥର ମହେଶ୍ୱରପିଣ୍ଡା ନିକଟରେ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ନୟାଗଡ ଜିଲାର ଅରକ୍ଷିତ ବେହେରା (୬୦)। ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ପଟୁ ସୋନପୁରକୁ ( ନଂ ଓଆର୦୪ଡି-୬୮୧୪ )ଏକ ଟ୍ରକ ଯାଉଥିବା ବେଳେ ମହେଶ୍ୱରପିଣ୍ଡା ନିକଟରେ ଷ୍ଟିୟରିଂ ଛିଣ୍ଡିଯିବାରୁ ରାସ୍ତାପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇ ଥିଲା। ଫଳରେ ଡ୍ରାଇଭରଙ୍କ ସମେତ ତିନି ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ସୋନପୁର ଜିଲା ମୁଖ୍ୟ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅରକ୍ଷିତଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇ ଆହତ ହେଲେ ନୟାଗଡ ଜିଲା ସିନ୍ଦିରିଆ ଗ୍ରାମର ଭରତ ପାତ୍ର (୫୫) ଓ ଉତ୍ପନ୍ନ ମଲିକ(୬୩)।

## ବ୍ଲକସ୍ତରୀୟ ବିଜ୍ଞାନମେଳା

ପାଇକମାଲ, ୩୧।୩ (ଡି.ଏନ.ଏ .)

ବରଗଡ ଜିଲା ପାଇକମାଲ ବ୍ଲକସ୍ତରୀୟ ବିଜ୍ଞାନମେଳା ଯମୁନା କନ୍ଧୁଣି ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଛି। ବିଡିଓ ଉପାଞ୍ଜଳୀ ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୮୫ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିରୁ ୬ ପ୍ରକଳ୍ପ ଜିଲାସ୍ତରୀୟ ମେଳା ପାଇଁ ବିବେଚିତ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ଭାବନା ସିଂ, ମୁଖ୍ୟବକ୍ତା ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଅଧକ୍ଷ କ୍ଷିରାବ୍ଧୀ ତନୟା ରାଉତରାୟ ଯୋଗଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଚୂଡାମଣୀ ବାରିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ସରପଞ୍ଚ ତୁଳାବତୀ ତାଣ୍ଡି, ସମିତି ସଭ୍ୟା ନିରୂପମା ନାଗ, ଏବିଇଓ ଶିବ ପ୍ରସାଦ ଯୋଶି, ପ୍ରେମାନନ୍ଦ ବାରିକ, ପାଇକମାଲ ହାଇସ୍କୁଲ ପ୍ରଧାନଶିକ୍ଷକ ଦ୍ୱାଦଶ ପ୍ରଧାନ ଯୋଗଦେଇଥିଲେ।

## ସମାଜସେବାରେ ବ୍ରତୀ ହେବାକୁ ଆହ୍ୱାନ

ଦେଓଗାଁ,୩୧।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଯୁକ୍ତଦୁଇ କଲେଜରେ ରେଡ ଜୀବନ କ୍ଲବ ତରଫରୁ ଏଚ୍ଆଇଭି, ଯକ୍ଷ୍ମା ଓ ରକ୍ତଦାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୟୁଥ ରେଡକ୍ରସ କାଉନସେଲର ଦୁର୍ବାଦଳ ଘିଭେଲାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷ ବସନ୍ତ କୁମାର ମନହୀରା ଯୋଗଦେଇଥିଲେ। ଏକ ସୁସ୍ଥ ସମାଜ ଗଠନ ପାଇଁ ଶାରୀରିକ ସୁସ୍ଥତା ନିହାତି ଜରୁରୀ ବୋଲି ମତପ୍ରକାଶ କରିଥିଲେ। ଛାତ୍ରୀଛାତ୍ରମାନେ ପାଠ ପଢିବା ସହ ଜନସଚେତନା ସୃଷ୍ଟି ଓ ସମାଜ ସେବା କ୍ଷେତ୍ରରେ ବ୍ରତୀ ହେବାପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସାମାଜିକ ଗଣମାଧ୍ୟମ ଅଭିଯାନ କାର୍ଯ୍ୟକ୍ରମରେ ଛାତ୍ରୀ ସରିତା ମେହେର ଓ ସୁନିତା ମେହେର, ପ୍ରଚାର ଫର୍ଦ୍ଦ ତିଆରିରେ ନମିତା ପଥିମାଲି, ତର୍କରେ କୌଶଲ୍ୟା ଛତ୍ରିଆ, ପ୍ରାଚୀର ଚିତ୍ର ଅଙ୍କନରେ ଶ୍ରଦ୍ଧାଞ୍ଜଳି ତରିଆ, ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ସୁନେନା ମେହେର ଓ ଜସମା ପଧାନ ମାସ୍କ ତିଆରିରେ ଅମିତ ନାଗ, ଗଳ୍ପ ଲିଖନରେ ସ୍ମୃତିଶିଖା ଷଡଙ୍ଗୀ, ଗୋଷ୍ଠୀ ଆଲୋଚନାରେ ଉର୍ମିଳା ମହାନନ୍ଦ ଓ କମଳା ନାଗ, ରେଡ ରିବନ କ୍ଲବ ବକ୍ତୃତାରେ ଆକାଶ ସାହୁ ଓ ସ୍ୱପ୍ନା ମହାନନ୍ଦ ଏବଂ ଫେସ ପେଣ୍ଟିଂରେ ସିଦ୍ଧାର୍ଥ ଜୈନ ପ୍ରମୁଖ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ସାମ୍ବାଦିକତା କ୍ଷେତ୍ରରେ ମହିଳାଙ୍କ ଗୁରୁତ୍ୱ ବଢୁଛି

ବଲାଙ୍ଗୀର ଅଫିସ, ୩୧।୩

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟରେ ଗୁରୁବାର ଗଣମାଧ୍ୟମରେ ମହିଳାଙ୍କ ଭୂମିକା ଓ ଭବିଷ୍ୟତ ଶୀର୍ଷକ ବୃତ୍ତି ପରାମର୍ଶ ସମ୍ମାନ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ମନୋରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ସଲୋମନ କୁମାର, ଅଧ୍ୟାପକ ସଦାଶିବ ମଲ୍ଲିକ ଏବଂ ମୁଖ୍ୟବକ୍ତାଭାବେ ଗଣମାଧ୍ୟାମ ପ୍ରତିନିଧି ବିଭୁକଲ୍ୟାଣ ଗଡତ୍ୟା ମଞ୍ଚାସୀନ ହୋଇଥିଲେ। ଅଧ୍ୟାପକ କୁମାର ସ୍ୱାଗତ ବକ୍ତବ୍ୟ, କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

ମୁଖ୍ୟବକ୍ତା ଗଡ଼ତ୍ୟା ସାମ୍ବାଦିକତା ଜୀବନର ସଂଘର୍ଷ ସମ୍ପର୍କରେ କହିବା ସହ ଦେଶ ଓ ରାଜ୍ୟର ଶୀର୍ଷ ମହିଳ ସାମ୍ବାଦିକାମାନଙ୍କ ସମ୍ପର୍କରେ କହିଥିଲେ। ସାମ୍ବାଦିକ ଓ ଗଣଯୋଗ ପାଠ୍ୟକ୍ରମ ପାଇଁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଦ୍ୱାରା ଭାରତୀୟ ଜନ ସଞ୍ଚାର ସଂସ୍ଥା ସ୍ଥାପନ କରାଯାଇଥିବା ବେଳେ ଏହାର ଚାହିଦାକୁ ଆଖି ଆଗରେ ରଖି ବିଭିନ୍ନ ବିଶ୍ୱବିଦ୍ୟାଳୟ ତଥା ଶିକ୍ଷାନୁଷ୍ଠାନରେ ସ୍ୱତନ୍ତ୍ର ଭାବେ ଶିକ୍ଷା ପ୍ରଦାନ କରାଯାଉଛି। ଗଣମାଧ୍ୟମ କ୍ଷେତ୍ରରେ ମହିଳା ମାନଙ୍କ ଗୁରୁତ୍ୱ କିଭଳି ବଢୁଛି ଏବଂ ଆଗାମୀ ଦିନରେ ଏଦିଗରେ କ’ଣ ସମ୍ଭାବନା ରହିଛି କହିଥିଲେ। ସାମ୍ବାଦିକତା କ୍ଷେତ୍ରରେ ମହିଳା ସାମ୍ବାଦିକତାଙ୍କ ଭୂମିକା ଓ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ କରାଯାଇ ସେମାନଙ୍କ ଅଭିଜ୍ଞତା ବାଣ୍ଟିବା ଦ୍ୱାରା ଛାତ୍ରୀଙ୍କ ଭବିଷ୍ୟତ ଗଢିବାରେ ସହାୟକ ହେଉଥିବା ମତପ୍ରକାଶ ପାଇଥିଲା। ଅଧ୍ୟାପକ ହେମନ୍ତ ମଲ୍ଲିକ, ଅଜିତ୍ ପଣ୍ଡା, ପ୍ରକାଶ ସୋରେନ, ଅଧ୍ୟାପିକା ରାନ୍ଧୀ ତିର୍କୀ, ସୁଷମା ମୋଦୀ ଉପସ୍ଥିତ ଥିବା ବେଳେ ଯୁକ୍ତ ଦୁଇ ଓ ତିନି ବର୍ଷର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।




ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ସମ୍ମାନରେ ମଞ୍ଚାସୀନ ଅତିଥି।

## ବ୍ଲକସ୍ତରୀୟ ଜନଶୁଣାଣି ଶିବିର



ଜନଶୁଣାଣି ଶିବିରରେ ଅଧିକାରୀବୃନ୍ଦ।

ଡୁଙ୍ଗୁରିପାଲି,୩୧।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ କାର୍ଯ୍ୟକ୍ରମର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ନିହାର ରଞ୍ଜନ କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ୨୦୨୦-୨୧ ଆର୍ଥିକ ବର୍ଷରେ ସମ୍ପାଦିତ ସମସ୍ତ କାର୍ଯ୍ୟର ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା। ଏପିଓ ପ୍ରଦ୍ୟୁମ୍ନ କୁମାର ସାହୁ ୨୦୨୦-୨୧ ଆର୍ଥିକ ବର୍ଷର କାର୍ଯ୍ୟ ଖସଡ଼ା ବିବରଣୀ ପାଠ କରିଥିଲେ। ଶିବିରକୁ ବିଡ଼ିଓ ତ୍ରିପୁର ମହାନନ୍ଦ ପରିଚାଳନା କରିଥିଲେ। ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ଡୁଙ୍ଗୁରିପାଲି ଜିଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ମାଝୀ, ବ୍ଲକ ଉପ ସଭାପତି ମକରଧ୍ୱଜ ସାହୁ, ଜିଲା ସୋସିଆଲ ଅଡିଟର ହୃଷିକେଶ ମହାକୁର, ଏବିଡ଼ିଓ ଆନନ୍ଦ ଚନ୍ଦ୍ର ମିଶ୍ର, ଏଇ ସୋବନାଦ ମାଝୀ ଶିବିରରେ ମଞ୍ଚାସୀନ ଥିଲେ। ଏମଜିଏନଆରଇଜିଏସ୍ ବ୍ଲକସ୍ତରୀୟ କମିଟିର ରତ୍ନାକର ସେଠ ପୂର୍ବ ବର୍ଷରେ କେତେ କାମ କେତେ ଟଙ୍କାର ହୋଇଥିଲା ବିବରଣୀ ପ୍ରଦାନ କରାଯାଉ ବୋଲି କହିଥିଲେ। ବ୍ଲକ କମିଟିର ନିତେଇ ପାଲ, ଧରବେନ୍ଦ୍ର ବିଶ୍ୱାଲ, ସୁବାଷ ଭୋଇ ବିଭିନ୍ନ ପ୍ରକଳ୍ପର ଅନିୟମିତତା ନେଇ ମତ ପ୍ରକାଶ କରିଥିଲେ। ବ୍ଲକ ସାମାଜିକ ସମୀକ୍ଷା ଅଧିକାରୀ ସଞ୍ଜୟ କୁମାର ବଡମାଲି, ବ୍ଲକ ଯୋଗାଣ ଅଧିକାରୀ ପୂର୍ଣଚନ୍ଦ୍ର ରାଉତ, ଜିଆରଏସ, ନିର୍ବାହୀ ଅଧିକାରୀ, ବ୍ଲକସ୍ତରୀୟ ସମସ୍ତ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଶେଷରେ ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରେଳ ଧାରଣା ଡେଇଁ ସ୍କୁଲ ଯାଉଛନ୍ତି ଛାତ୍ରୀଛାତ୍ର

ଦେଓଗାଁ, ୩୧।୩(ଡି.ଏନ.ଏ)

କମ୍ ଉପସ୍ଥାନ ଦର୍ଶାଇ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ହାତୀସରା ପଞ୍ଚାୟତ ଦାବଲିକାନୀରେ ଥିବା ପ୍ରାଥମିକ ସ୍କୁଲକୁ ୨୦୧୯ରେ ବନ୍ଦ କରି ଦିଆଗଲା। ଏହି ସ୍କୁଲରେ ଥିବା ୨୩ଜଣ ପିଲାମାନଙ୍କୁ ୧କି.ମି. ଦୂର ନାଇକେନଶିରା ପ୍ରାଥମିକ ବିଦ୍ୟାଳୟରେ ପଢିବାର ବ୍ୟବସ୍ଥା ସରକାର କଲେ। ତେବେ ପିଲାମାନେ ସ୍କୁଲକୁ ଯିବାବେଳେ ବାଟରେ ପଡୁଥିବା ବଲାଙ୍ଗୀର-ଟିଟିଲାଗଡ ରେଳପଥ ଡେଇଁବାକୁ ପଡୁଛି। ପ୍ରତିଦିନ ପିଲାମାନେ ଅସୁରକ୍ଷିତଭାବେ ରେଳ ଧାରଣା ଡେଇଁ ଯାଉଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ପଡାର ଭୁଜନ୍ଦର କଏଣ୍ଡାଙ୍କ କହିବାନୁସାରେ ଯେଉଁରାସ୍ତାଦେଇ ପ୍ରତିଦିନ ପିଲାମାନେ ସ୍କୁଲ ଯାଉଛନ୍ତି ବର୍ଷା ଚାରିମାସ ପାଣି ଜମି ରହିବାରୁ ସ୍କୁଲ ଯିବା ସମ୍ଭବ ହେଉନାହିଁ। ୨୦୦୮ ଜାନୁୟାରୀ ୪ରେ ଦାବଲିକାନୀରେ ସ୍କୁଲ ଖୋଲା ଯିବାସହ କୋଠା ନିର୍ମାଣ ହୋଇଥିଲା। ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ଏଠାରେ ଥିବା ସ୍କୁଲକୁ ପୁନଃ ଖୋଲିବାକୁ ଭୁଜନ୍ଦର କଏଣ୍ଡା, ବୈଶାଖୁ ବଡିଆ, ଏକାବନ କଏଣ୍ଡା, ଶିବ ମଲ୍ଲିକ, ବିପିନ ନାଗ, କାହ୍ନୁ ବରିହା, ମହାଦେବ ପୁଟା, ଗୌର ବରିହା, ମାଧବ ବାଗ ପ୍ରମୁଖ ଅଭିଭାବକ କହିଛନ୍ତି। ଅନ୍ୟଥା ବିକଳ୍ପ ରାସ୍ତାରେ ଦାବଲିକାନୀର ପିଲାଙ୍କୁ ନାଇକେନଶିରା ଯିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।



ଦାବଲିକାନୀର ଛାତ୍ରୀଛାତ୍ରମାନେ ରେଳ ଧାରଣା ଡେଇଁ ସ୍କୁଲ ଯାଉଛନ୍ତି।

## ଟିକିରାପଡାରେ ଅଷ୍ଟପ୍ରହର ନାମଯଜ୍ଞ

ବାଉଁଶୁଣୀ,୩୧।୩(ଡି.ଏନ.ଏ.)

ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ଟିକିରାପଡା ଠାରେ ଗୁରୁବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୁଧବାର ସକାଳେ ଟିକିରାପଡା ଗ୍ରାମର ମହିଳାମାନେ ବାଉଁଶୁଣୀର ମହାନଦୀ ଘାଟରୁ କଳସରେ ଜଳ ଆଣି ପ୍ରଥମେ ଶ୍ରୀ ଶ୍ରୀ ଭୁବନେଶ୍ୱର ମହାଦେବଙ୍କ ମନ୍ଦିରକୁ ଯାଇଥିଲେ ଓ ପରେ ଯଜ୍ଞ ମଣ୍ଡପକୁ ଆଣି ସ୍ଥାପନ କରିଥିଲେ। ଏହି ଅବସରରେ ବୁଧବାର ଗାୟକ ପରୀକ୍ଷିତ ମହାରାଜ ସୁନ୍ଦରାକାଣ୍ଡ ପାରାୟଣ କରିବା ସହିତ ସନ୍ଧ୍ୟାରେ ପ୍ରବଚନ ଦେଇଥିଲେ। ଅଷ୍ଟପ୍ରହର ନାମଯଜ୍ଞରେ କର୍ତ୍ତା ଭାବରେ ସୁବାଷ ମେହେର ଓ ତାଙ୍କ ସ୍ତ୍ରୀ ସଞ୍ଜୁ ଦାୟିତ୍ୱ ତୁଲାଇଥିଲେ। ବିଭୀଷଣ ଚାନ୍ଦ, ରାଜକିଶୋର ପୁରୋହିତ, ଚନ୍ଦ୍ର ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିଲେ।

## ୩ ସଂରକ୍ଷିତ ଜଙ୍ଗଲରେ ନିଆଁ

ନୂଆପଡ଼ା ଅଫିସ,୩୧।୩

ନୂଆପଡା ଜିଲାର ସଂରକ୍ଷିତ ଜଙ୍ଗଲରେ ଏବେ ହୁହୁଁ ହୋଇ ନିଆଁ ଜଳୁଛି। ଗାଁରେ ଥିବା ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲରେ ମଧ ନିଆଁ ଲାଗି ସର୍ବସ୍ୱାହା ହୋଇ ସାରିଲାଣି। ବର୍ତ୍ତମାନ ୩୫୩ ନମ୍ବର ଜାତୀୟ ରାଜପଥଠାରୁ ୩ କି.ମି. ଦୂର ବଲାଙ୍ଗୀର ଜିଲାକୁ ସଂଯୋଗ କରୁଥିବା ଭରୁଆମୁଣ୍ଡା ଆରଡି ରାସ୍ତା କଡରେ ଥିବା ଲଙ୍କେଶ୍ୱରୀ ପାହାଡ, ମୁଙ୍ଗି ଓ ମୁରମୁରି ପାହାଡରେ ଆଜକୁ ପ୍ରାୟ ୩ ଦିନ ହେବ ନିଆଁ ଲାଗି ଜଙ୍ଗଲ ସବୁ ନଷ୍ଟ ହେବାରେ ଲାଗିଛି। ହେଲେ ବନ ବିଭାଗ ପାଖରେ ଏଯାଏ ସୂଚନା ପହଞ୍ଚି ପାରିନାହିଁ। ଭରୁଆମୁଣ୍ଡା, ମହୁଲଭଟା, ଭାଟିପଡା ଓ ସିହିନାମୁଣ୍ଡା ଗ୍ରାମର କେତେଜଣ ଲୋକ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇନାହିଁ। ଗ୍ରାମବାସୀ ବନ ବିଭାଗକୁ ବାରମ୍ବାର ଖବର କଲେ ମଧ୍ୟ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ବନ ବିଭାଗ ନିଆଁ ନ ଲାଗିବା ପାଇଁ ଆଗରୁ ସ୍ୱତନ୍ତ୍ର ବ୍ୟବସ୍ଥା କରୁ ନ ଥିବାରୁ ଜଙ୍ଗଲ ସବୁ ନଷ୍ଟ ହେଉଛି। ଜଙ୍ଗଲ ସୁରକ୍ଷା ସଚେତନତା ପାହାଡ ତଳିଗାଁରେ ନ କରି ସହରରେ କରାଯାଉଥିବା ଅଭିଯୋଗ ହେଉଛି। ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ବହୁ ମୂଲ୍ୟବାନ ଗଛ ସବୁ ନଷ୍ଟ ହେବା ସହିତ ବନ୍ୟଜନ୍ତୁମାନେ ଭୟଭିତ ହୋଇ ଗାଁକୁ ଚାଲି ଆସୁଛନ୍ତି। ନୀରିହ ଜନ୍ତୁ ଶିକାରୀର ଶିକାର ହେଉଥିବା ବେଳେ ହିଂସ୍ର ଜନ୍ତୁମାନେ ଲୋକଙ୍କୁ ଆକ୍ରମଣ କରିବାର ସମ୍ଭାବନା ରହିଛି। ନୂତନ ଭାବେ ଜନ୍ମ ନେଇଥିବା ଗଛ ସମ୍ପୂର୍ଣ୍ଣ ଭାବେ ପୋଡି ନଷ୍ଟ ହେଉଛି। ଏ ସଂକ୍ରାନ୍ତରେ କୋମନା ବନ ବିଭାଗ ରେଞ୍ଜରଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇପାରିନାହିଁ।

## ପୁରୁଣା ଇତିହାସକୁ ଉଜ୍ଜୀବିତ କରୁଛି ଆବିଷ୍କୃତ ପଥର ଗୁମ୍ଫା

ପଲମ,୩୧।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ଭିମକେଲା ପଞ୍ଚାୟତସ୍ଥିତ ଭିମକେଲା ଗ୍ରାମର ସାନ୍ଦୁଲ ନଦୀ କୂଳରେ ଏକ ବିରାଟ ପଥର ଚଟାଣ ରହିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ ବିସ୍ତୃତ ପସ୍ତର ଚଟାଣର ପୂର୍ବ ଭାଗରେ ଏକ ଗୁମ୍ଫ ଦେଖାଯାଏ, ଯାହା ବାବା ମଠ ନାମରେ ପରିଚିତ। ଅତୀତରେ ଜଣେ ସନ୍ୟାସୀ ବାବା ମଠଗୁମ୍ଫାରେ କିଛି ବର୍ଷ ରହିବା ପରେ ଅନ୍ୟତ୍ର ଚାଲିଯାଇଥିଲେ। ଏହି ପଥର ଚଟାଣ ଓ ଗୁମ୍ଫା ଏବେ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ଏହି ଗୁମ୍ଫାକୁ କିଛି ଦିନ ତଳେ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ମଧୁପୁର ଗ୍ରାମର ସାଧୁ ଜୟଲାଲ ମାଝି ଆସି ବାବା ମଠ ଗୁମ୍ଫାରେ ଅବସ୍ଥାନ କରିଛନ୍ତି। ଜୟଲାଲ ବାବାଙ୍କ କହିବା ଅନୁଯାୟୀ ତାଙ୍କର ବନ୍ଧୁ ନର୍ଲା ବ୍ଲକ୍ ବାଗପୁର ଗ୍ରାମର ସ୍ୱର୍ଗତ କବି ଦୈତାରି ମାଝିଙ୍କ ରଚିତ ତାଳପତ୍ର ପୋଥିରେ ଏହି ସ୍ଥାନର ମହିମା ବର୍ଣ୍ଣିତ ତଥ୍ୟ ରହିଛି। ସ୍ୱର୍ଗତ ମାଝିଙ୍କ ବାଣୀ ଅନୁସାରେ ଏହି ପଥର ଚଟାଣ ତଳେ ୧୮ଟି ଗୁମ୍ଫା ରହିଛି। ଗୋଟିଏ ଗୁମ୍ଫାରେ ଶିବ ଲିଙ୍ଗ ଓ ଏକ ପାଣି କୁଣ୍ଡ ରହିଥିବା ବିଶ୍ୱାସ ରହିଛି। ଏହାର ଅନ୍ୱେଷଣ ପାଇଁ ବାବା ସ୍ଥାନୀୟ ଭୀମକେଲା, ଅସୁରଗଡ, କେରାଣ୍ଡିଖୁଟି, ଜେକୁନପଡା ଓ ଫଳସାପଡା ଗ୍ରାମର କେତେଜଣ ଯୁବକମାନଙ୍କୁ ନେଇ ମଠ ଉପରି ଭାଗରେ ଖନନ କରି ଉତ୍ତର ଓ ପଶ୍ଚିମ ଦିଗକୁ ଲମ୍ବିଥିବା ୨୦ ହାତ ବିଶିଷ୍ଟ ଏକ ନୂତନ ଗୁମ୍ଫା ଆବିଷ୍କାର କରିଛନ୍ତି। ଏହାକୁ ଦର୍ଶନ ପାଇଁ ପ୍ରତ୍ୟହ ଦିନ ଲୋକଙ୍କ ସମାଗମ ହେଉଛି। ଜୟଲାଲ ବାବାଙ୍କ ଉଦ୍ୟମରେ ଏକ ଅନାଲୋଚିତ ଗୁପ୍ତ ଗୁମ୍ଫାର ଆବିଷ୍କାର ଫଳରେ ଏହାର ଏକ ମଠ ପ୍ରତିଷ୍ଠା କରିବା ଲକ୍ଷ୍ୟ ରଖାଯାଇଛି। ସୂଚନାଯୋଗ୍ୟ ଯେ, ନିକଟରେ ଥିବା ଭିମକେଲା ଗ୍ରାମର ପୁରାତନ ପଥର ଖୋଦେଇ ବିଷ୍ଣୁ ପ୍ରତିମା ଅତି ଗୁପ୍ତ ଓ ମୌର୍ଯ୍ୟକାଳିନ ଇତିହାସ କହେ। ଏହାର ଦକ୍ଷିଣ ଦିଗରେ ଅବସ୍ଥିତ ଐତିହାସିକ ଅସୁରଗଡ ଦୁର୍ଗ ଭାରତବର୍ଷର ଗୌରବମୟ ସଭ୍ୟତା ଓ ସାଂସ୍କୃତିର ଗାଥା ବହନ କରେ। ଏହି ସ୍ଥାନଟିର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସହ ଅଧିକ ଖନନ ଲାଗି ସରକାରୀସ୍ତରରେ ଉଦ୍ୟମ କରାଯିବାକୁ ବାବା ଜୟଲାଲ ଓ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି ଜଣାଇଛନ୍ତି।

